ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.164 Bhubaneswar Friday, August 13, 2021 | ୨୪ତମ ବର୍ଷ ସଂଖ୍ୟା–୧୬୪ ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧୩, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS




ମୁଖ୍ୟ ବୈଜ୍ଞାନିକ ଡବ୍ଲୁଏଚଓ ସୋମିଆ ସ୍ୱାମୀନାଥନ ରାଜ୍ୟ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ଏବଂ ପୃଥିବୀ ବିଜ୍ଞାନ ମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କର୍ମଚାରୀ, ଜନ ଅଭିଯୋଗ ଏବଂ ପେନସନ୍, ପରମାଣୁ ଶକ୍ତି ଏବଂ ମହାକାଶ ଜିତେନ୍ଦ୍ର ସିଂଙ୍କୁ ଡାକିଛନ୍ତି

## ଗୋଟିଏ ଦିନରେ ୧୧୦୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୨।୮(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୧୦୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୯୧୧୮୨ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୯୭୩୫୭୯ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ସଂଖ୍ୟା ୧୦୮୫୩ ରହିଛି । ଆଜି ଚିହ୍ନଟ ହୋଇଥିବା ୧୧୦୭ ଜଣଙ୍କ ମଧ୍ୟରୁ ୬୪୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୬୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୩୯୭ ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୨୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୬୬ ଜଣ, ବରଗଡ଼ରୁ ୫ ଜଣ, ଭଦ୍ରକରୁ ୩୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୧୩୦, ଦେବଗଡ ଜିଲ୍ଲାରୁ ୩ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୨ ଜଣ, ଗଜପତି ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଞ୍ଜାମରୁ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୫୩ ଜଣ, ଯାଜପୁରରୁ ୫୨ ଜଣ, ଝାରସୁଗୁଡ଼ାରୁ ୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡିରୁ ୭ ଜଣ, କନ୍ଧମାଳ ଜିଲ୍ଲାରୁ ୭ ଜଣ. କେନ୍ଦ୍ରାପଡ଼ାରୁ ୪୨ ଜଣ, କେନ୍ଦୁଝରରୁ ୧୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ଖୋର୍ଦ୍ଧାରୁ ୩୯୭ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ୧, ମାଲକାନଗିରି ଜିଲ୍ଲାରୁ ୧୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୪୦ ଜଣ, ନବରଙ୍ଗପୁରରୁ ୧, ନୟାଗଡ଼ରୁ ୨୯ ଜଣ ଚିହ୍ନଟ ହୋଇଥିବା ବେଳେ ନୂଆପଡ଼ାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀରୁ ୨୮ ଜଣ, ରାୟଗଡ଼ାରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୨୦ ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁରରୁ ୪, ସୁନ୍ଦରଗଡ଼ରୁ ୧୭ ଜଣ ଓ ଷ୍ଟେଟ୍ ପୁଲରୁ ୮୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ଯୁକ୍ତ ଦୁଇ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର,୧୨।୮(ପି.ଏନ): ଆଜି ଠାରୁ ଯୁକ୍ତ ଦୁଇ ନାମଲେଖା ପାଇଁ ଆବେଦନ ଆରମ୍ଭ ହୋଇଛି । ଯୁକ୍ତ ୨ କଳା, ବିଜ୍ଞାନ, ବାଣିଜ୍ୟ, ସଂସ୍କୃତ ଓ ଧନ୍ଦାମୂଳକ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି । ମିଳିଥିବା ସୂଚନା ଅନୁସାରେ ଦିନ ୧୧ଟାରୁ ସାମସ ପୋର୍ଟାଲ ଖୋଲିଛି । ଆବେଦନ କରିବା ପାଇଁ ସାମ୍ସ ବେବସାଇଟକୁ ଭିଜିଟ୍ କରିବାକୁ ପଡ଼ିବ । ଏଥିରେ ଫର୍ମ ଉପଲବ୍ଧ ରହିଥିବା ବେଳେ ସେପ୍ଟେମ୍ବର ୫ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ନାମଲେଖା ପାଇଁ ଅନଲାଇନ ମାଧ୍ୟମରେ ଆବେଦନ କରିପାରିବେ । ସେପ୍ଟେମ୍ବର ୧୩ ତାରିଖ ଦିନ ୧୧ଟା ୩୦ରେ ପ୍ରଥମ ମେରିଟ ଲିଷ୍ଟ ପ୍ରକାଶ ପାଇବ । ସେହିପରି ସେପ୍ଟେମ୍ବର ୧୪ରୁ ସେପ୍ଟେମ୍ବର ୨୧ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ନାମଲେଖା ହେବ ।ମିଳିଥିବା ସୂଚନା ଅନୁସାରେ ୨୭ ତାରିଖ ଅପରାହ୍ନ ୪ଟାରେ ଦ୍ୱିତୀୟ ମେରିଟ ଲିଷ୍ଟ ପ୍ରକାଶ ପାଇବ । ୨୯ ସେପ୍ଟେମ୍ବର ରୁ ଅକ୍ଟୋବର ୧ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ହେବ । ଦୁଇ ପର୍ଯ୍ୟାୟ ନାମଲେଖା ପରେ ବଳକା ସିଟ୍ ତାଲିକା ଓ ସ୍ପଟ ଆମିଶନ ପାଇଁ ଅକ୍ଟୋବର ୪ରେ ମେରିଟ ଲିଷ୍ଟ ପ୍ରକାଶ ପାଇବ । ଛାତ୍ରଛାତ୍ରୀମାନେ ସ୍ପଟ ଆଡମିଶନ ପାଇଁ ଅକ୍ଟୋବର ୪ ଓ ୫ରେ ପଞ୍ଜୀକରଣ କରିବେ । ଅକ୍ଟୋବର ୫ରେ ସ୍ପଟ ଆଡମିଶନ ପାଇଁ ମେରିଟ ଲିଷ୍ଟ ପ୍ରକାଶ ପରେ ମନୋନୀତ ଛାତ୍ରଛାତ୍ରୀମାନେ ଅକ୍ଟୋବର ୭ରେ ନାମ ଲେଖାଇବେ । ଅକ୍ଟୋବର ମାସ ୮ ତାରିଖ ସୁଦ୍ଧା ନାମଲେଖା ପ୍ରକ୍ରିୟା ଶେଷ ହେବ ବୋଲି ସୂଚନା ଦିଆ ଯାଇଛି । ଅନ୍ୟ ପକ୍ଷରେ ସାରା ରାଜ୍ୟରେ ପ୍ରାୟ ୫୫ ହଜାର ସିଟ୍ ବୃଦ୍ଧି କରାଯାଇଛି । ଫଳରେ ଯୁକ୍ତ ଦୁଇ ଆଡମିଶନ୍ ପାଇଁ ଏବେ ପାଖାପାଖି ୫ ଲକ୍ଷ ସିଟ୍ ଉପଲବ୍ଧ ହେବାକୁ ଯାଉଛି । ଏ ବର୍ଷ କଳାରେ ୪୦ ହଜାର ସିଟ୍ ବୃଦ୍ଧି ପାଇଁ ଆବେଦନ ହୋଇଥିବା ବେଳେ ୩୮ ହଜାର ସିଟ୍ ବୃଦ୍ଧିକୁ ଅନୁମତି ମିଳିଛି । ସେହିଭଳି ବିଜ୍ଞାନରେ ୨୫ ହଜାର ସିଟ୍ ପାଇଁ ଆବେଦନ ହୋଇଥିବା ବେଳେ ୧୩ ହଜାର ଓ ବାଣିଜ୍ୟରେ ୪ ହଜାର ସିଟ୍ ପାଇଁ ଆବେଦନ ହୋଇଥିବାବେଳେ ୩ ହଜାର ୯୦୦ ସିଟ୍ ବୃଦ୍ଧି କରାଯାଇଛି । ଏହାପରେ ମୋଟ୍ ସିଟ୍ ସଂଖ୍ୟା ୪ ଲକ୍ଷ ୯୮ହଜାର ୨୫୪ ରେ ପହଁଚିଛି ।

### ୫ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୨।୮(ପି.ଏନ): ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବିଜୁଳି , ଘଡଘଡି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୫ଟି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ନବରଙ୍ଗପୁର ଓ କୋରାପୁଟ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ନେଇ ଏହି ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଏହି ସମୟ ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ନବରଙ୍ଗପୁର, ନୂଆପଡ଼ା, କନ୍ଧମାଳ, ମାଲକାନଗିରି, କୋରାପୁଟ, ଗଜପତି, କଟକ, ଖୋର୍ଦ୍ଧା ଓ ରାୟଗଡ଼ା ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।ସେହିପରି ୧୩ରୁ ୧୪ ତାରିଖ ମଧ୍ୟରେ ସୁନ୍ଦରଗଡ, ଝାରସୁଗୁଡା, କନ୍ଧମାଳ , ଗଜପତି, ଗଂଜାମ, ମାଲକାନଗିରି କୋରାପୁଟ , କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲା ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ସମ୍ଭାବନା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

### ୧କୋଟି ୮୬ଲକ୍ଷ ଡୋଜ ଟିକା ଦିଆସରିଲାଣି - ପରିବାର କଲ୍ୟାଣ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୨।୮(ପି.ଏନ): ରାଜ୍ୟରେ ୧କୋଟି ୮୬ଲକ୍ଷ ଡୋଜ ଟିକା ଦିଆସରିଲାଣି ବୋଲି ସୂଚନା ଦେଇଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ । ସେ କହିଛନ୍ତି ଯେ ସେଥିରୁ ୧କୋଟି ୪୩ଲକ୍ଷ ପ୍ରଥମ ଡୋଜ ଓ ୪୩ ଲକ୍ଷ ଦ୍ୱିତୀୟ ଡୋଜ ଦିଆ ଯାଇଛି । ଆଜି ୩ଲକ୍ଷ ଡୋଜ କୋଭାକ୍ସିନ ଟିକା ଆସିବ । ରାଜ୍ୟରେ ୧୦ଲକ୍ଷ କୋଭିସିଲ୍ଡ ଡୋଜ ମହଜୁତ ଅଛି ।

## ତୃତୀୟ ଲହର ପାଇଁ ରାଜ୍ୟ ପ୍ରସ୍ତୁତ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୨।୮(ପି.ଏନ): କାଭିଡର ସମ୍ଭାବିତ ତୃତୀୟ ଲହର ନେଇ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର କହିଛନ୍ତି । ସେ କହିଛନ୍ତି ଯେ – ସରକାରଙ୍କ ଗାଇଡଲାଇନ ଅନୁସାରେ ପେଡିଆଟ୍ରିକ ବେଡ୍ ସଂଖ୍ୟା ବଢ଼ିବା ନେଇ ପ୍ରସ୍ତୁତି ଚାଲିଛି । ଏହାଛଡ଼ା ଆବଶ୍ୟକୀୟ ଉପକରଣ, ଅକ୍ସିଜେନ ଲାଗି ଭିତିଭୂମି ପ୍ରସ୍ତୁତ ରହିଛି । ଅକ୍ସିଜେନ ପ୍ଲାଂଟର ବ୍ୟବସ୍ଥା ମଧ କରାଯିବା ସହ ସେ ଅ ଜେନେରାଲ ବେଡ ଯେତିକି ବଢ଼ିବା କଥା ତାହା ମଧ୍ୟ ବଢ଼ିଛି ।ସେ କହିଛନ୍ତି ଯେ କୋଭିଡ ନିୟମ ମାନିଲେ କରୋନାକୁ ନିୟନ୍ତ୍ରଣ କରାଯାଇପାରିବା ତା'ଛଡ଼ା ତୃତୀୟ ଲହର ଆସୁ ବା ନ ଆସୁ ଏଥିଲାଗି ସମସ୍ତଙ୍କୁ ପ୍ରସ୍ତୁତ ରହିବା ଉଚିତ । ସେ କହିଛନ୍ତି ଯେ ୩୦୦୦ ବେଡ଼ ବିଭିନ୍ନ ହସ୍ପିଟାଲ, ଘରୋଇ କୋଭିଡ ହସ୍ପିଟାଲ, ସରକାରୀ ଡାକ୍ତରଖାନା, ମେଡ଼ିକାଲ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରହିବ । ସେହିପରି କେନ୍ଦ୍ରର ଆକଳନ ଅନୁସାରେ ଦୈନିକ ୧୦ ହଜାର ପିକ ହେଲେ ୬୦୦ ବେଡ଼ ଶିଶୁଙ୍କ ପାଇଁ ଆବଶ୍ୟକ । ପିଲାଙ୍କ ଚିକିତ୍ସା ପାଇଁ ୩୦ କୋଟି ଟଙ୍କାର ଉପକରଣ ଓ ଔଷଧ ସରକାର କିଣିବା ଆରମ୍ଭ କରିଛନ୍ତି ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଡ୍ରଗ୍ସ ଚାହିଦା ଅନୁଯାୟୀ ପୂର୍ବାପେକ୍ଷା ଅଧିକ ରହିଛି । ଯେହେତୁ ଶିଶୁମାନେ ଅଧିକ ଆକ୍ରାନ୍ତ ହେବାର ସମ୍ଭାବନା ରହିଛି, ତା ପାଇଁ ଆବଶ୍ୟକ ଟ୍ରେନିଂ ଦିଆଯାଉଛି ।ଉପରୁ ତଳ ସ୍ତର ଯାଏ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ସମସ୍ତଙ୍କୁ ଟ୍ରେନିଂ ଦିଆଯାଉଛି । ଆମେ ବତର୍ତ୍ତମାନ ଦ୍ୱିତୀୟ ଲହରରେ ଅଛେ, ସଂକ୍ରମଣ ଏବେବି ରହିଛି । ଯେଉଁ ଅଂଚଳରେ ଅଧିକ ଲୋକ ରହୁଛନ୍ତି, ସେଠି ସଂକ୍ରମଣ ରହୁଛି । ଅନ୍ୟ ରାଜ୍ୟ, ଅନ୍ୟ ଦେଶରେ ସଂକ୍ରମଣ ବଢ଼ିଲାଣି । ସେହିଭଳି ଭାବେ ସଦାସର୍ବଦା ଆମକୁ ସତର୍କ ରହିବାକୁ ପଡ଼ିବ ବୋଲି ସେ କହିଛନ୍ତି ।

## ଯୁବ ଇଞ୍ଜିନିୟର ଅନିଲ ପ୍ରଧାନଙ୍କ ସଫଳତା ପ୍ରତ୍ୟେକ ଭାରତୀୟ ଏବଂ ଓଡ଼ିଆଙ୍କ ପାଇଁ ଗୌରବ: ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର, ୧୨।୮(ପି.ଏନ): ଆନ୍ତର୍ଜାତିକ ଯୁବ ଦିବସ ଅବସରରେ ଶିକ୍ଷା, ବିଜ୍ଞାନ ଏବଂପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନିଜର ଅବଦାନ ପାଇଁ ରାଷ୍ଟ୍ରୀୟ ଯୁବ ପୁରସ୍କାରରେ ସମ୍ମାନିତ ହୋଇଥିବାଓଡ଼ିଶାର ଅନିଲ ପ୍ରଧାନଙ୍କୁ ନୂଆଦିଲ୍ଲୀରେ ଭେଟି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତାବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଯୁବ ଇଞ୍ଜିନିୟର ଅନିଲଙ୍କ ସଫଳତା ପ୍ରତ୍ୟେକଭାରତୀୟ ବିଶେଷ ଭାବରେ ଓଡ଼ିଆଙ୍କ ପାଇଁ ଗୌରବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଭାରତର ଯୁବଶକ୍ତି ହେଉଛନ୍ତି ପରିବର୍ତନର ଆଧାରଶୀଳା, ଯେଉଁମାନେ କୋଭିଡ୍ ପରବର୍ତୀ ନୂତନ ବିଶ୍ୱରେ ଆତ୍ମନିର୍ଭର ଭାରତର ସ୍ଥାନକୁ ମଜବୁତ୍ କରିବାରେ ଏକ ପ୍ରମୁଖଭୂମିକା ଗ୍ରହଣ କରିବେ । ଏହିଭଳି ଅନେକ ଯୁବପିଢ଼ି ଓ ଯୁବ ଉଦ୍ୟୋଗୀଙ୍କ ଅନିଲ ପ୍ରେରଣାର ଉତ୍ସହୋଇଛନ୍ତି । ଯୁବ ଇଞ୍ଜିନିୟର ଅନିଲ ନବସୃଜନ, ଶିକ୍ଷା ଏବଂ ରାଷ୍ଟ୍ର ନିର୍ମାଣରେ ନିଜକୁ ନିୟୋଜିତକରିବା ପାଇଁ ଅନେକ ଲୋଭନୀୟ ଚାକିରି ଛାଡିଛନ୍ତି । କଟକ ଜିଲ୍ଲାରେ ଏକ ବିଦ୍ୟାଳୟ ପ୍ରତିଷ୍ଠା କରଅନିଲ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷିତ କରିବା ସହ ନବସୃଜନ ପ୍ରତି ଆଗ୍ରହ ସୃଷ୍ଟି କରିବା ପ୍ରଶଂସନୀୟ ।

## ଓବିସି ଓ ଏସ୍ଇବିସି ମାନଙ୍କ ସହିତ ପ୍ରତାରଣା କରିଛନ୍ତି ରାଜ୍ୟ ସରକାର : ବିଜେପି

ଭୁବନେଶ୍ୱର,୧୨।୮(ପି.ଏନ): ଗତକାଲି ଲୋକସଭା ଓ ରାଜ୍ୟସଭାରେ ଦେଶର ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣକୁ ଲାଗୁ କରିବା ପାଇଁ ଏହି ବିଲ୍ ପାସ୍ ହୋଇଛି । ସ୍ୱାଧୀନତାର ୭୦ବର୍ଷ ବିତି ଯାଇଥିଲେ ମଧ ଏହି ବିଲ୍‌କୁ ଠିକ୍ ଢଙ୍ଗରେ ପାରିତ କରିବା ଏବଂ କାର୍ଯ୍ୟକାରୀ କରିବା ଦିଗରେ ପୂର୍ବ ସରକାରମାନଙ୍କର ଆନ୍ତରିକତାର ଅଭାବ ରହିଥିଲା । ବର୍ତମାନ ରାଜ୍ୟ ସରକାର ତୁରନ୍ତ ଓବିସିମାନଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରନ୍ତୁ ବୋଲି ରାଜ୍ୟ ମୁଖପାତ୍ର ଶ୍ରୀମତୀ ସୋନାଲୀ ସାହୁ ଦାବି କରିଛନ୍ତି ।ଓଡିଶାରେ ୨୨ବର୍ଷ ଧରି ଏକ ସ୍ଥାୟୀ ସରକାର ରହିଛି କିନ୍ତୁ ରାଜ୍ୟରେ ଓବିସି ଏବେ ବି ଅବହେଳିତ । ଏଥିପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ ସ୍ପଷ୍ଟ ପରିଲକ୍ଷିତ ହେଉଛି । ୧୯୮୦ ମସିହାରେ ବି.ପି. ମଣ୍ଡଳଙ୍କ ନେତୃତ୍ୱରେ ଗଠିତ ମଣ୍ଡଳ କମିଶନ ପ୍ରଦାନ କରିଥିବା ରିପୋର୍ଟରେ ୨୭ ପ୍ରତିଶତ ସଂରକ୍ଷଣ ଦେବା କଥା ଉଲ୍ଲେଖ ଥିଲା । ୧୯୯୦ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଭି. ପି. ସିଂହ ଓବିସି ସଂରକ୍ଷଣ ଲାଗୁ କରିବା ପାଇଁ କହିଥିଲେ । କିନ୍ତୁ ଦୁର୍ଭାଗ୍ୟର କଥା ଯେ ୧୯୯୧ ମସିହାରେ ତତ୍କାଳୀନ ଓଡିଶାର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓବିସି ମାନଙ୍କୁ ତାଙ୍କ ଅଧିକାରରୁ ବଂଚିତ ଓ ସାମ୍ବିଧାନିକ ଅଧିକାରକୁ ଛଡାଇନେବା ପାଇଁ ଚକ୍ରାନ୍ତ କରି ସୁପ୍ରିମକୋର୍ଟକୁ ଯାଇଥିଲେ । ୧୯୯୦ ମସିହାରୁ ଆଜି ପର୍ଯ୍ୟନ୍ତ ସାମ୍ବିଧାନିକ ଅଧିକାର ପାଇଁ ଆଜି ମଧ ସରକାରଙ୍କ ସହ ପଛୁଆ ବର୍ଗର ଲୋକେ ଲଢେଇ କରୁଛନ୍ତି । ପିତାଙ୍କ ନୀତି ଅନୁସରଣ କରି ବର୍ତମାନର ନବୀନ ପଟ୍ଟନାୟକ ନେତୃତ୍ୱାଧିନ ରାଜ୍ୟ ସରକାର ମଧ ଏହି ନିଷ୍ପତି ବିରୁଦ୍ଧରେ ଯାଉଛନ୍ତି । ଯେଉଁମାନେ ସାମାଜିକ ଆର୍ଥିକ ଦୃଷ୍ଟିରେ ପଛୁଆ ରହୁଛନ୍ତି ସେମାନେ ସବୁବେଳେ ପଛୁଆ ହୋଇ ରୁହନ୍ତୁ । ଏହା ହେଉଛି ରାଜ୍ୟ ସରକାରଙ୍କ ପ୍ରକୃତ ମାନସିକତା । ତେଣୁ ୩ ଦଶନ୍ଧି ଧରି ଏହି ସାମ୍ବିଧାନିକ ଅଧିକାର ପାଇଁ ପଛୁଆ ବର୍ଗ ଲୋକମାନେ ଲଢେଇ ଜାରୀ ରଖିଛନ୍ତି । କିନ୍ତୁ ପ୍ରଧାନମନ୍ତ୍ରୀ ପଛୁଆ ଏବଂ ଏସ୍ଇବିସି ବର୍ଗର ଲୋକମାନଙ୍କୁ ଏହି ଅଧିକାର ଦେଇ ଏହା ପ୍ରମାଣିତ କରିଛନ୍ତି ଯେ, ସମସ୍ତଙ୍କୁ ସାଙ୍ଗରେ ନେଇ ସମସ୍ତଙ୍କ ବିକାଶ ହେଉଛି ବିଜେପି ସରକାରର ଲକ୍ଷ୍ୟ । ଦୁର୍ଭାଗ୍ୟର କଥା ରାଜ୍ୟ ସରକାର ଗୋଟିଏ ପଟେ ସଂସଦରେ ସମର୍ଥନ ଦେଲେ ଅପରପକ୍ଷରେ ଆଉ ଏକ ଚକ୍ରାନ୍ତ ସୃଷ୍ଟି କରି ପଛୁଆ ବର୍ଗ ଲୋକମାନଙ୍କୁ ତାଙ୍କ ନ୍ୟାର୍ଯ୍ୟ ହକ୍ ପ୍ରଦାନ କରିବାରୁ ବଂଚିତ କରୁଛନ୍ତି । ଏଥିରୁ ରାଜ୍ୟସରକାରଙ୍କ ଦୋମୁହାଁ ନୀତି ଦର୍ଶାଉଛି । ଓଡିଶାରେ ୫୨ ପ୍ରତିଶତରୁ ଅଧିକ ଓବିସି ବର୍ଗ ଲୋକ ବାସ କରିଛନ୍ତି । ସେମାନଙ୍କଠାରୁ ତାଙ୍କ ନ୍ୟାର୍ଯ୍ୟ ହକ୍ ଛଡାଇ ନେଇ ରାଜ୍ୟ ସରକାର ମହାପାପ କରୁଛନ୍ତି ବୋଲି ଶ୍ରୀମତୀ ସାହୁ କହିଛନ୍ତି । ଏହି ଅବସରରେ ରାଜ୍ୟ ମିଡିଆ ପ୍ରମୁଖ ଦିଲୀପ ମଲ୍ଲିକ ଉପସ୍ଥିତ ଥିଲେ ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada








## ଟି ଟାଇମ୍

# ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ପୁରାଣ କାହାଣୀ

# ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ । ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ । ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସେଠାରେ ଥିବା ସଦୃଶ ନିୟୋଜିତ କରାଯାଇଥିଲା ।

# ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଜେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍‌ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍‌ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

# କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟ ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା। ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

# ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି । ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୁରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଜଷ୍ଟିସ ବୋବଡେଙ୍କ ବକ୍ତବ୍ୟ ଏବଂ ଆମ୍ବେଦକର ଓ ସଂସ୍କୃତ ଭାଷା ଉପରେ ବିତର୍କ

••••••••••••ଡ. ସମନ୍ୱୟ ନନ୍ଦ•••••••••••

ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ଶରତ ବୋବଡେ ଡ. ଆମ୍ବେଦକରଙ୍କ ଜୟନ୍ତୀ ଦିନ ଏକ କାର୍ଯ୍ୟକ୍ରମରେ ଯୋଗଦେଇ





କହିଥିଲେ ଯେ ଭାରତରତ୍ନ ଡ. ଆମ୍ବେଦକର ଚାହୁଁଥିଲେ ଯେ ସଂସ୍କୃତ ଦେଶର ରାଜଭାଷା ହେଉ । ଏହାକୁ ନେଇ ସେ ଅନେକ ପ୍ରୟାସ କରିଥିଲେ । ହେଲେ ତାଙ୍କର ପ୍ରୟାସ ସଫଳ ହୋଇ ପାରି ନ ଥିଲା । ସେ ନାଗପୁର ସ୍ଥିତ ମହାରାଷ୍ଟ୍ର ଲ ୟୁନିଭର୍ସିଟିର ଏକାଡେମିକ ବିଲ୍ଡିଂର ଉଦ୍‌ଘାଟନ ଅବସରରେ ଉଦ୍‌ବୋଧନ ଅବସରରେ ସେ ଏହା କହିଛନ୍ତି ।

ନ୍ୟାୟମୂର୍ତ୍ତି ବୋବଡେ ଯାହା କହିଛନ୍ତି ତାହା ଅକ୍ଷରେ ଅକ୍ଷରେ ସତ୍ୟ । ହେଲେ ତାଙ୍କର ଏହି ବକ୍ତବ୍ୟ ପରେ ପୁଣି ଥରେ ସଂସ୍କୃତ ବିରୋଧୀ ତଥା ଭାରତ ବିରୋଧୀ ଲବି ସକ୍ରିୟ ହୋଇଯାଇଛି ଓ ଏହାକୁ ଭୁଲ ବୋଲି ପ୍ରମାଣିତ କରିବାକୁ ଯାଇ ବିଭିନ୍ନ ପ୍ରକାର ଅପପ୍ରଚାର ଆରମ୍ଭ କରି ଦେଲେଣି ।

ଏହି ଆଲେଖ୍ୟରେ ଆମେ ବାବା ସାହେବ ସଂସ୍କୃତକୁ କେତେ ଭଲ ପାଇଥିଲେ ତା' ଉପରେ ଆଲୋଚନା କରିବା। ଆମ୍ବେଦକରଙ୍କର ସଂସ୍କୃତ ଭାଷା ପ୍ରତି ଗଭୀର ପ୍ରେମ ଥିଲା । କିନ୍ତୁ ସେ ତଥାକଥିତ ଅସ୍ପୃଶ୍ୟ ବର୍ଗରେ ଜନ୍ମ ନେଇଥିବା କାରଣରୁ ତାଙ୍କୁ ସଂସ୍କୃତ ପଢିବାକୁ ଦିଆଯାଇ ନ ଥିଲା। ସଂସ୍କୃତରେ ପାରଙ୍ଗମ ହେବାକୁ ତାଙ୍କର ପ୍ରବଳ ଇଚ୍ଛା ଥିଲା। ପରବର୍ତ୍ତୀ ସମୟରେ ସେ ନିଜ ଚେଷ୍ଟାରେ ସଂସ୍କୃତ ଶିଖିଥିଲେ। ସଂସ୍କୃତର ଅପାର ଜ୍ଞାନ ଭଣ୍ଡାର ଓ ଉତ୍କୃଷ୍ଟ ସାହିତ୍ୟ ସମ୍ପର୍କରେ ତାଙ୍କର ଭଲ ଜ୍ଞାନ ଥିଲା ।

ଡ. ଆମ୍ବେଦକରଙ୍କର ସଂସ୍କୃତ ଶିଖିବା ଇଚ୍ଛା ସମ୍ପର୍କରେ ତାଙ୍କର ଜୀବନୀ ଲେଖକ ଧନଂଜୟ କୀର ଉଲ୍ଲେଖ କରିଛନ୍ତି। ସେ ଲେଖିଛନ୍ତି-ବାବାସାହେବ ଅନେକ ଥର କହୁଥିଲେ ଯେ ସଂସ୍କୃତ ଭାଷାର ଅଭିମାନ ଥିବା କାରଣରୁ ତାଙ୍କୁ ସଂସ୍କୃତ ଭାଷା ଭଲ ଭାବେ ଆସିବା ଦରକାର, ଏହି ଅଭିଳାଷ ତାଙ୍କର ରହିଥିଲା । ତେବେ ଦେଖିବାକୁ ପଡିବ ଏହି ସୁଦିନ କେବେ ଆସିବ! **(ଡ. ବାବାସାହେବ ଆମ୍ବେଦକର, ପୃଷ୍ଠା- ୨୨ ପରିଶିଷ୍ଟ ୧)**

ଖୁବ କମ୍ ଲୋକଙ୍କୁ ଜଣା ଯେ ସମ୍ବିଧାନ ସମିତିରେ ଜାତୀୟ ଭାଷା ଓ ରାଜ୍ୟ ବ୍ୟବହାର ପାଇଁ ଅଧିକୃତ ଭାଷା ସହିତ ସମ୍ପର୍କିତ ଅନୁଚ୍ଛେଦରୁ ସଂସ୍କୃତକୁ ଜାତୀୟ ଓ ରାଜ୍ୟ ବ୍ୟବହାରର ଭାଷା ଭାବେ ରଖିବା ପାଇଁ ସୁପାରିଶ କରାଯାଇଥିଲା। ଯେଉଁମାନେ ଏଭଳି ସୁପାରିଶ କରିଥିଲେ ସେମାନଙ୍କ ମଧ୍ୟରେ ଲକ୍ଷ୍ମୀକାନ୍ତ ମୈତ୍ର, ଟି.ଟି. କୃଷ୍ଣମାଚାରୀ, ଡା. ବାଳକୃଷ୍ଣ କେସକର (ତତ୍କାଳୀନ ବୈଦେଶିକ ଉପମନ୍ତ୍ରୀ), ପ୍ରୋଫେସର ନଜିରୁଦ୍ଦିନ ଅହମଦ, ଡ. ଆମ୍ବେଦକର ତଥା ମାଡ୍ରାସ, ତ୍ରିପୁରା-ମଣିପୁର-କୁର୍ଗ ପ୍ରାନ୍ତର ସଦସ୍ୟମାନେ ଥିଲେ।

ଯେତେବେଳେ ଏ ସମ୍ପର୍କରେ ସାମ୍ବାଦିକ ମାନେ ଡ. ଆମ୍ବେଦକରଙ୍କୁ ପଚାରିଥିଲେ ସେତେବେଳେ ସେ କହିଥିଲେ — ସଂସ୍କୃତରେ କ'ଣ ଦୋଷ ରହିଛି ? ପ୍ରୋ. ନଜିରୁଦ୍ଦିନ କହିଥିଲେ ଯେ-ଡବଲ୍ୟୁ ସି.ଟେଲର, ମ୍ୟାକ୍ସମୁଲର, ଉଇଲିୟମ ଜୋନ୍ସଙ୍କ ପରି ପାଶ୍ଚାତ୍ୟ ବିଦ୍ୱାନମାନଙ୍କୁ ଉଦ୍ଧୃତ କରି ସଂସ୍କୃତ ଭାଷାର ଅତୁଳନୀୟ ସମୃଦ୍ଧି ଓ ଶୁଦ୍ଧତା ସମ୍ପର୍କରେ କହି ଏହା ଲାଟିନ ଓ ଗ୍ରୀକ୍ ଭାଷା ଠାରୁ କେତେ ଶ୍ରେଷ୍ଠ, ତା'ର ପ୍ରମାଣ ଦେଇଥିଲେ।

ଏହି ଅବସରରେ ଲକ୍ଷ୍ମୀକାନ୍ତ ମୈତ୍ର ଏହି ସଂଶୋଧନକୁ ଜୋରଦାର ସମର୍ଥନ କରି ଆଉ ଏକ ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ ଯେ ହିନ୍ଦୀ ଭଳି କୌଣସି ବିଶିଷ୍ଟ ରାଜ୍ୟର ଭାଷାକୁ ଜାତୀୟ ଭାଷାର ମାନ୍ୟତା ପ୍ରଦାନ କଲେ ଅନ୍ୟ ରାଜ୍ୟମାନଙ୍କ ମଧ୍ୟରେ ଯେଉଁ ସନ୍ଦେହ ଓ କଟୁତା ତିଆରି ହେବାର ଆଶଙ୍କା ରହିଛି, ସଂସ୍କୃତକୁ ଏହା ସ୍ଥାନରେ ରଖିଲେ ଉକ୍ତ ସନ୍ଦେହ ଓ କଟୁତାକୁ ଦୂର କରାଯାଇ ପାରିବ। ସଂସ୍କୃତକୁ ତା'ର ଉପଯୁକ୍ତ ମାନ୍ୟତା ଦେଇ ଆମେ ବିଶ୍ୱକୁ ଜଣାଇ ଦେଇପାରିବା ଯେ ଆମେ ଆମର ଅତୀତର ବୈଭବକୁ କେତେ ଆଦର ଓ ସମ୍ମାନ କରୁଛୁ ଏବଂ ସମଗ୍ର ବିଶ୍ୱକୁ ଆମର ପ୍ରାଚୀନ ସଂସ୍କୃତିର ଆଧ୍ୟାତ୍ମିକ ବାର୍ତ୍ତା ପ୍ରଦାନ ପାଇଁ ଇଚ୍ଛା କରୁଛୁ । ସଂସ୍କୃତକୁ ସ୍ୱୀକାର କରି ଆମେ ଭାବୀ ପୀଢୀର ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ କରି ପାରିବା ।



ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଡ. ଆମ୍ବେଦକରଙ୍କ ଦ୍ୱାରା ସଂସ୍କୃତ ଭାଷା ସମ୍ପର୍କରେ ଅଣାଯାଇଥିବା ସଂଶୋଧନ ପ୍ରସ୍ତାବକୁ ସ୍ୱୀକାର କରାଯାଇ ନ ଥିଲା। ସଂସ୍କୃତ ଭାଷାକୁ କେବଳ ଅଷ୍ଟମ ଅନୁସୂଚୀରେ ଏକ ଭାରତୀୟ ଭାଷାର ମାନ୍ୟତା ଦିଆଯାଇଥିଲା।

ଡ. ଆମ୍ବେଦକରଙ୍କର ଇଚ୍ଛା ଥିଲା ଯେ ସଂସ୍କୃତକୁ ରାଷ୍ଟ୍ରଭାଷା କରିବା ବିଷୟରେ ୧୦ ଡିସେମ୍ବର ୧୯୪୯ରେ ତାଙ୍କର ସଂଗଠନ ଶେତକାରୀ କାମଗାର ସଙ୍ଗଠନର କାର୍ଯ୍ୟକାରୀ ମଣ୍ଡଳରେ ଏକ ପ୍ରସ୍ତାବ ଗୃହୀତ କରାଯାଉ। କିନ୍ତୁ ସେତେବେଳେ ବି.ପି. ମୌର୍ଯ୍ୟଙ୍କ ପରି ଯୁବ ସଦସ୍ୟମାନଙ୍କର ବିରୋଧ କାରଣରୁ ଏହା ସମ୍ଭବ ହୋଇପାରି ନ ଥିଲା। ଏହି ଘଟଣାର ଦୀର୍ଘଦିନ ପରେ ବି.ପି. ମୌର୍ଯ୍ୟ ଦୁଃଖ ପ୍ରକଟ କରି କହିଥିଲେ ଯେ ସେତେବେଳେ ସେ ଡ. ଆମ୍ବେଦକରଙ୍କର ସଂସ୍କୃତ ଭାଷା ସମ୍ପର୍କିତ ପ୍ରସ୍ତାବର ବିନା କୌଣସି କାରଣରେ ବିରୋଧ କରିଥିଲେ।

ଡ. ଆମ୍ବେଦକରଙ୍କ ସ୍ପଷ୍ଟ ମତ ଥିଲା ଯେ ସଂସ୍କୃତକୁ ରାଜଭାଷା କଲେ ଦେଶର କୌଣସି ଭାଷାଭାଷୀ ଲୋକମାନେ ଏହାକୁ ବିରୋଧ କରିବେ ନାହିଁ ତଥା ଏହା ଦେଶକୁ ଏକ କରିବାରେ ସଫଳ ହେବ । ତେବେ ଏହା ଭିନ୍ନ ବିଷୟ ଯେ ତାଙ୍କର ଏହି ପ୍ରୟାସ ସଫଳ ହୋଇ ପାରି ନ ଥିଲା ।

ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ବୋବଡେ ପୁଣି ଥରେ ଆମ୍ବେଦକର ଜୟନ୍ତୀ ଅବସରରେ ତାଙ୍କର ସଂସ୍କୃତ ଭାଷାକୁ ସେ କିପରି ରାଜଭାଷା କରିବାକୁ ଚାହୁଁଥିଲେ ସେହି ପ୍ରସଙ୍ଗକୁ ଉଠାଇ ଏକ ଭଲ କାମ କରିଛନ୍ତି । ଏହାଦ୍ୱାରା ଯଦିଓ ନିଜକୁ ଲିବେରେଲା-ସେକୁଲାର କହୁଥିବା ଲୋକମାନେ ତାଙ୍କୁ ଭୁଲ କହୁଥିବା ଅଭିଯୋଗ କରୁଛନ୍ତି ତଥାପି ସେ ସଂସ୍କୃତ ଭାଷାର କେତେ ମହତ୍ୱ ରହିଛି ଓ ଆମ୍ବେଦକର ଏହାକୁ କିପରି ବୁଝିଥିଲେ ଏହାକୁ ନେଇ ବିତର୍କ ପୁଣି ଥରେ ଆରମ୍ଭ ହୋଇପାରିଛି। ପୁଣି ଥରେ ଲୋକମାନେ ଆମ୍ବେଦକରଙ୍କ ଭାଷଣ, ତାଙ୍କର ଲେଖା ପଢିବା ଆରମ୍ଭ କଲେଣି । ଏହି ବିତର୍କକୁ ପୁଣି ଥରେ ଆରମ୍ଭ କରାଇଥିବାରୁ ମୁଖ୍ୟ ନ୍ୟାୟାଧୀଶ ବୋବଡେଙ୍କୁ ଧନ୍ୟବାଦ ଦେବାକୁ ପଡିବ ।

# ପିଲାଙ୍କ ପାଠପଢାରେ ଅଭିଭାବକଙ୍କ ଦାୟିତ୍ୱ



ସନ୍ଧ୍ୟାବେଳେ ମୁଁ ବଜାରରୁ ଫେରୁଥିଲି । ଅଚାନକ ପହଲି ବାବୁ ବାଟରେ ଦେଖାହେଲେ । ହସି ହସି ସେ କହିଲେ "ବହୁ ଦିନ ପରେ ଦେଖା ହେଲା । କ'ଣ ଭଲ ଅଛନ୍ତି ତ? ମୁଁ କହିଲି ହଁ ଏ "କୋଭିସିଲଡ" ଟିକା ନେଇ ଫେରୁଛି । ମିଳାମିଶା, ଦେଖାଚାହିଁ, ହସଖୁସି ସବୁତ ଛଡେଇ ନେଲା ଏ କରୋନା । ପୁଣି ବି ଦ୍ୱିତୀୟ ଲହର ମାଡି ଆସିଲାଣି । ଦେଖାଯାଉ କ'ଣ ହେଉଛି ?

ପହଲିବାବୁ କହିଲେ ଆଉ ସେ କଥା କୁହନ୍ତୁନି ଆଜ୍ଞା । ବ୍ୟବସାୟ ଯାହା କ୍ଷତିରେ ଚାଲିଛି ଛାଡ । ସବୁଠାରୁ ବଡ କ୍ଷତି ମୋ ଝିଅ ଆଦୌ ପାଠ ପଢୁନି । ବଡଭାଇ ଝିଅ ଡାକ୍ତରି ପାସ କରି ସରକାରୀ ମେଡିକାଲରେ ଚାକିରି କରୁଛି । ହେଲେ ମୋ ଭାଗ୍ୟ ତ ଖରାପ । ମୁଁ ମୋ ଝିଅକୁ ଆମ ଅଞ୍ଚଳର ସବୁଠାରୁ ଭଲ ଇଂରାଜୀ ମିଡିୟମ ସ୍କୁଲରେ ଆଡମିସନ୍ କରିଥିଲି । ଦୁଇ ଦୁଇଟା ଟ୍ୟୁସନ ମଧ୍ୟ ଯୋଗାଇଦେଇଛି । ହେଲେ ପାଠପଢାଟା ଆଶାନୁରୂପକ ହୋଇପାରୁନି । ମୁଁ କହିଲି ପଇସା ଦେଇ ପାଠ କିଣାଯାଇ ପାରେନା । ଆଉ ସହଜେ ଏ କରୋନା ସମୟରେ ଅନ ଲାଇନ କ୍ଲାସ ଚାଲୁଛି । ସେଥିପାଇଁ ସାରା ବିଶ୍ୱରେ ପିଲାମାନଙ୍କର ପାଠପଢା ଠିକ୍ ଭାବରେ ଚାଲିପାରୁନି ।

ହେଲେ ଆପଣ ଜଣେ ସଚେତନ ଅଭିଭାବକ ଭାବେ ଆପଣ ନିଜେ ନିଷ୍ଠାର ସହିତ କେତେ ସମୟ ଆପଣଙ୍କ କନ୍ୟାପାଇଁ ଦେଇଛନ୍ତି । ଯଦି ଦେଇନାହାନ୍ତି ଆଶା କରିବାଟା ହିଁ ନିରର୍ଥକ । ପହଲିବାବୁ ମୋ ପ୍ରଶ୍ନରେ ଖୁସି ନଥିଲେ। ଆଉ ସେ କହିଲେ ଯେଉଁ ପିତାମାତାମାନେ ମୂର୍ଖ ସେମାନେ କ'ଣ ସେମାନଙ୍କ ପିଲାଙ୍କୁ ପଢାଇପାରନ୍ତି ? ସେମାନେ ଘରେ ରହି ଭଲ ପାଠ ପଢି ବଡ ବଡ ଅଫିସର କେମିତି ହେଉଛନ୍ତି ! ମୁଁ କହିଲି ପାଠପଢା ପାଇଁ ସୁନ୍ଦର ବାତାବରଣ ଆବଶ୍ୟକ । ଆଉ ପାଠ ପଢାଇବାଠାରୁ ପାଠ ପ୍ରତି ଆଗ୍ରହ ସୃଷ୍ଟି କରିବା ସବୁଠାରୁ ବଡ କଥା ।

କେତେକ ବିଶ୍ୱପ୍ରସିଦ୍ଧ ଗୁରୁ ସେମାନଙ୍କ ଛାତ୍ରଛାତ୍ରୀ ମାନଙ୍କ ମନରେ ଘୋର ପରିବର୍ତ୍ତନ ଆଣିଥିଲେ । ସେମାନଙ୍କ ଚରିତ୍ର ନିର୍ମାଣ କରିବା ସଙ୍ଗେ ସଙ୍ଗେ ସ୍ୱୟଂସମ୍ପନ୍ନ ମନୁଷ୍ୟ ରୂପେ ଗଢିତୋଳିଥିଲେ । ସେମାନେ ହେଲେ ଗୁରୁ ରାମ ଦାଶ (ଶିବାଜୀ), ଚାଣକ୍ୟ (ଚନ୍ଦ୍ରଗୁପ୍ତ), ରାମକୃଷ୍ଣ ପରମହଂସ (ବିବେକାନନ୍ଦ), ଆରିଷ୍ଟୋଟଲ (ଆଲେକଜାଣ୍ଡାର) ଓ ମାଥୁ ଲେଏର (ଏପିଜେ ଅବଦୁଲ କଲାମ)ଙ୍କୁ ବିଶ୍ୱର ସଫଳତା ଆଣି ଦେଇଥିଲେ ।

ଏପିଜେ ଅବଦୁଲ କଲାମ "ଏ ଉଇଙ୍ଗସ ଅଫ ଫାୟାର"ରେ ଲେଖିଥିଲେ- ଯେତେବେଳେ ତାଙ୍କୁ ପାଞ୍ଚ ବର୍ଷ ହୋଇଥିଲା ସେତେବେଳେ ତାଙ୍କ ପ୍ରାଇମେରି ଶିକ୍ଷକ 'ମାଥୁ ଲେଏର' ଆଗକୁ ଯିବାର ଦିଗ୍‌ଦର୍ଶନ ଦେଇଥିଲେ । ମହାବୀର ଫୋଗାଟ ରେସିଲଙ୍ଗ ଚମ୍ପିଆନ୍ ହେବାକୁ ଚାହିଁ ଅସଫଳ ହୋଇଥିଲେ । ହେଲେ ସେ ତାଙ୍କ କନ୍ୟାକୁ ଏଭଳି ପ୍ରଶିକ୍ଷଣ ଦେଲେ ଗୀତା ଓ ବବିତା ବିଶ୍ୱପ୍ରସିଦ୍ଧ ରେସଲରର ସୁନାମ ଅର୍ଜନ କରିପାରିଥିଲେ । ଭାରତର ୧୫ ବର୍ଷ ବାଳିକା ପାଇଲଟ୍ ରୂପେ ଆୟେସା ଅଜିଦ ସୁନାମ ଅର୍ଜନ କରିଛନ୍ତି । ଗିନିସ ବୁକ ଅଫ୍ ୱାଲଡ ରେକଡ୍ ଅନୁଯାୟୀ ବିଶ୍ୱର ସବୁଠାରୁ କମ୍ ବର୍ଷର ଡାକ୍ତର ରୂପେ ବାଲ ମୁରାଲି ଅମ୍ବାଟି ମାତ୍ର ୧୮ ବର୍ଷ ବୟସରେ ଏ ସଫଳତା ହାସଲ କରିପାରିଥିଲେ । ତାଙ୍କ ବାପା ତାମିଲନାଡୁର ଭେଲୋରରେ ଇଞ୍ଜିନିଅର ଓ ମା' ଗଣିତ ଶିକ୍ଷକ ରୂପେ କାର୍ଯ୍ୟ କରୁଥିଲେ । ସଫଳତା ପାଇଁ ଅମ୍ବାଟି ତାଙ୍କ ବାପା ମା'ଙ୍କୁ ଶ୍ରେୟ ଦିଅନ୍ତି । ତେଣୁ ପହଲିବାବୁ ପାଠପଢା ପାଇଁ କୋଠାଘର, ଏସି ରୁମ, ସୋଫା ସେଟ୍, ଟେଲିଭିଜନ, ମଡନ୍ ବାଇକର ଆବଶ୍ୟକତାଠାରୁ ଶାନ୍ତ ସୁନ୍ଦର କୋଳାହଳମୁକ୍ତ ବାତାବରଣ ଦରକାର । ନିନ୍ଦା ଅପେକ୍ଷା ପ୍ରଶଂସା, ଅନାଦର ଅପେକ୍ଷା ଆଦର । ସମାଲୋଚନା ଅପେକ୍ଷା ପିଲାମାନେ ଏକାନ୍ତରେ ଗଠନମୂଳକ ଆଲୋଚନାକୁ ପସନ୍ଦ କରନ୍ତି । ତେଣୁ ନିରୁତ୍ସାହିତ କରିବା ପରିବର୍ତ୍ତେ ପିଲାମାନଙ୍କୁ ଉତ୍ସାହିତ କରନ୍ତୁ ।

ପାଠପଢା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ବିଭିନ୍ନ ପତ୍ରପତ୍ରିକା, ବଡଲୋକଙ୍କ ଜୀବନି, ଡ୍ରଇଙ୍ଗ ବୁକ୍, କଲର ପେନସିଲ ଆଦି ପିଲାମାନଙ୍କୁ ଯୋଗାଇ ଦିଅନ୍ତୁ । ତା'ସହିତ ତା'ର ସୁବିନିଯୋଗ ପ୍ରତି ଧ୍ୟାନ ଦିଅନ୍ତୁ ।

ଅବସର ସମୟରେ ଚିତ୍ର ଆଙ୍କିବା, ଗଳ୍ପ, କବିତା, ପ୍ରବନ୍ଧ ଲେଖିବାକୁ ପିଲାମାନଙ୍କୁ ପ୍ରେରଣା ଦିଅନ୍ତୁ । ଏତଦ୍‌ବ୍ୟତିତ ସେଗୁଡିକୁ ସମ୍ବାଦପତ୍ରର ଶିଶୁ ସାହିତ୍ୟ ବିଭାଗକୁ ବା ଭିନ୍ନ ଭିନ୍ନ ଶିଶୁ ଓ କିଶୋର ମାଗାଜିନ୍‌କୁ ପଠାନ୍ତୁ । ଏହାଦ୍ୱାରା ପିଲାମାନଙ୍କର ସୃଜନଶୀଳତା ବୃଦ୍ଧି ପାଇବ । ପିତାମାତାଙ୍କ ଆଚରଣ ଓ ବ୍ୟବହାର ପିଲାମାନଙ୍କ ଉପରେ ବହୁଳ ପ୍ରଭାବ ପକାଏ । ଘର ପରିବେଶକୁ ଗାଳିଗୁଲଜ ଓ ପାଟିତୁଣ୍ଡଠାରୁ ଦୂରେଇ ରଖିବା ଉଚିତ । ଅଭିଭାବକମାନେ ଟିଭିଦେଖା କମ୍ କରି ବିଭିନ୍ନ ବହି ପଢିଲେ ଏକ ଶିକ୍ଷାର ମହଲ ସୃଷ୍ଟି କରିବ । ପିଲାମାନଙ୍କୁ ମଧ୍ୟ ବଡ ଲୋକ ଜୀବନୀ ଓ ସଫଳତାର ମାର୍ଗ ବିଷୟରେ ଜଣାଇବା ଦରକାର । ଏପରି କଲେ ସେମାନଙ୍କର ପଠନ ଓ ଲିଖନ ପ୍ରତି ଆଗ୍ରହ ସୃଷ୍ଟି ହେବ ।

ଅନ୍‌ଲାଇନ କ୍ଲାସ ପାଇଁ ବ୍ୟବହୃତ ହେଉଥିବା ମୋବାଇଲ ବ୍ୟବହାର ଅପବ୍ୟବହାର ପ୍ରତି କଡା ନଜର ଦେବା ଉଚିତ । ବିଶେଷ ଧ୍ୟାନ ଦିଅନ୍ତୁ ସର୍ବୋତ୍ତମ ବ୍ୟବହାର ଯେପରି ହୋଇପାରେ ।

ପାଠ ପଢିବାର ମୂଳ ଉଦ୍ଦେଶ୍ୟ ଖାଲି ବଡ ଅଫିସର ନୁହେଁ ଜଣେ ଭଲ ମଣିଷ ହେବା ଦରକାର । ସେଥିପାଇଁ ଚରିତ୍ର ନିର୍ମାଣ ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ୍ । ସୁନ୍ଦର ମନ ହେଲେ ସୁନ୍ଦର ବ୍ୟବହାର ହେବ । ସୁନ୍ଦର ବ୍ୟବହାର ହେଲେ ସମସ୍ତେ ଆଦର କରିବେ । ସେଥିପାଇଁ କହନ୍ତି- ***"ନମ୍ରନ୍ତି ଗୁଣିନା ଜନାଃ/ନମନ୍ତି ଫଳିନା ବୃକ୍ଷା ।"*** ପରିସ୍ଥିତି ସହିତ ଖାପ ଖୁଆଇ ଚଳିବାକୁ ପଡିବ । ପ୍ରତିକୂଳ ପରିସ୍ଥିତିକୁ ସାମ୍ନାକରି ଅନୁକୂଳ ପରିସ୍ଥିତି ସୃଷ୍ଟି କରିବାକୁ ପଡିବ । ତେଣୁ ଅଭିଭାବକମାନେ ନିଜ ପିଲାମାନଙ୍କ ଭିତରେ ଛୁପି ରହିଥିବା ସୁଗୁଣାବଳୀର ସନ୍ଧାନ କରନ୍ତୁ । ଯଦି ତାହାର ବିକାଶ ହୋଇପାରିବ, ନିଶ୍ଚିତ ଭାବରେ ଆପଣ ଖୁସି ହେବେ । ତେଣୁ ପହିଲେ ଆପଣ ଆପଣଙ୍କ ପିଲାର ଜ୍ଞାନକୌଶଳ ବୃଦ୍ଧି କରିବା ପାଇଁ ଚେଷ୍ଟା କରନ୍ତୁ । ଦେଖିବେ ସଫଳତାର ଶୀର୍ଷରେ ଥିବେ ଆପଣଙ୍କ ପିଲାମାନେ । ନିଶ୍ଚିତ ରୂପେ ଆପଣ ଖୁସି ହେବେ । ତେଣୁ କଥାରେ କହନ୍ତି-ସତ୍‌ଚେଷ୍ଟା ଓ ନିରବଚ୍ଛିନ୍ନ ସାଧନା ସଫଳତା ଆଣିଦେବାରେ ସହାୟକ ହୁଏ ।

**ଅକ୍ଷୟ ପଣ୍ଡା**, ଆଳି, ଲୋକାପଡା, ମୋ: ଫୋନ୍-୯୩୩୭୪୯୨୩୦୭

# ତୁଳସୀ ଦୁଇ ପତ୍ରରୁ ବାସେ: ନିରଞ୍ଜନ ପଟ୍ଟନାୟକ



ଭୁବନେଶ୍ୱର (ପିଏନ୍)- ଧନୀ ସାଧାରଣତଃ ଦୁଇପ୍ରକାର ଥାଆନ୍ତି। କେତେକ ଧନ ସଂଗ୍ରହ କରି ନିଜର ଓ ନିଜ ପିଲା-ପରିବାର ପାଇଁ ସାଇତି ରଖିଥାନ୍ତି। ଆଉ କେତେକ ନିଜ ଅର୍ଜିତ ଧନକୁ ଅନ୍ୟର ସେବାରେ ବିନିଯୋଗ କରିଥାନ୍ତି। ସେହି ଦୃଷ୍ଟିରୁ ଦେଖିଲେ ଓଡ଼ିଶାରେ ବହୁ ଧନୀଲୋକ ଅଛନ୍ତି। କିନ୍ତୁ ନିଜ ଅର୍ଜିତ ଧନକୁ ସାଧାରଣ ଲୋକଙ୍କ ସେବାରେ ବିନିଯୋଗ କରିବା ଭଳି ହୃଦୟବାନ ଧନୀଲୋକଙ୍କ ସଂଖ୍ୟା କମ୍। ସନ୍ତୁ (ଶ୍ରଦ୍ଧେୟ ସୁବ୍ରତ ବାଗ୍‌ଚି) ଓ ତା'ର ସହଧର୍ମୀଣୀ ବିଶିଷ୍ଟ ଲେଖିକା ସୁସ୍ମିତା ନିସ୍ୱାର୍ଥପର ତ୍ୟାଗର ଯେଉଁ ଉଚ୍ଚ ଆଦର୍ଶ ଦେଖାଇଲେ ତାହା ସମସ୍ତଙ୍କ ପାଇଁ ଶିକ୍ଷଣୀୟ ବୋଲି ଆଜିର ପ୍ରେସ ବାର୍ତ୍ତାରେ ପିସିସି ସଭାପତି ଶ୍ରୀଯୁକ୍ତ ନିରଂଜନ ପଟ୍ଟନାୟକ କହିଛନ୍ତି। ସେ କହିଛନ୍ତି ଓଡ଼ିଶାରେ ଅତୀତରେ ଯେଉଁ ମହାନ ସହୃଦୟ ବ୍ୟକ୍ତିମାନେ ଜନସେବା ପାଇଁ ତ୍ୟାଗ କରିଛନ୍ତି, ଆଜି ସନ୍ତୁ ଓ ତା'ର ପତ୍ନୀ ଓଡ଼ିଶାରେ କ୍ୟାନସର ହସ୍‌ପିଟାଲ ପ୍ରତିଷ୍ଠା ପାଇଁ ୩୪୦ କୋଟି ଟଙ୍କା ପ୍ରଦାନ କରି ସେହି ମହାନ ତ୍ୟାଗୀମାନଙ୍କ ମେଳରେ ସାମିଲ ହୋଇଗଲେ। ସୁବ୍ରତଙ୍କ ପରିବାର ସହ ଶ୍ରୀ ପଟ୍ଟନାୟକଙ୍କର ଅନେକ ବର୍ଷର ସମ୍ପର୍କ। ସୁବ୍ରତ ବା ସନ୍ତୁଙ୍କୁ ସେ ସାତ-ଆଠ ବର୍ଷ ବୟସରୁ ଜାଣିଛନ୍ତି। ପିଲାଟି ବେଳୁ ଆଭାସ ମିଳୁଥିଲା ଯେ ଶ୍ରୀ ବାଗ୍‌ଚୀ ଦିନେ ସଫଳତାର ଶୀର୍ଷକୁ ଛୁଇଁବେ। ପିଲାଦିନରୁ ଶାନ୍ତ, ସରଳ ଓ ବିଚାରବନ୍ତ ଥିବା ଶ୍ରଦ୍ଧେୟ ସନ୍ତୁ ଜୀବନରେ ଅନେକ ପ୍ରତିଷ୍ଠା ପାଇବା ସହ ପରୋପକାରୀ ହେବେ ବୋଲି ଯେଉଁ ଆଭାସ ମିଳୁଥିଲା, ତାହା ଆଜି ସତରେ ପରିଣତ ହୋଇଛି। ମାଉସୀ (ସନ୍ତୁଙ୍କ ମା') ଯଥାର୍ଥରେ ଥିଲେ ରତ୍ନଗର୍ଭା। ମାଉସୀଙ୍କ ଆଖିକୁ ଭଲକି ଦେଖାଯାଉନଥିଲେ ମଧ୍ୟ ସେ ପରିବା କାଟି, ରୋଷେଇ କରି ଏପରି ସୁସ୍ୱାଦ ଖାଦ୍ୟ ଶ୍ରଦ୍ଧାରେ ପରସି ଦିଅନ୍ତି ତାହା ଆମମାନଙ୍କ ପାଇଁ ଅଭୁଲା ସ୍ମୃତି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ତାଙ୍କର ବଡ଼ ପୁଅ ଦେବୀପ୍ରସାଦ ରାଜ୍ୟର ମୁଖ୍ୟ ଶାସନ ସଚିବ ଥିଲେ। ଅମିତାଭ ଉଚ୍ଚକୋଟୀର ଆଇନଜୀବି ଓ ଯୁବନେତାର ସମ୍ମାନ ପାଇବା ପରେ ସନ୍ୟାସ ଗ୍ରହଣ କରିଥିଲେ। ଅନ୍ୟ ସନ୍ତାନମାନେ ଯେଝା ସ୍ଥାନରେ ସୁପ୍ରତିଷ୍ଠିତ। ସବୁ ସେଇ ରତ୍ନଗର୍ଭା ମା'ଙ୍କ ଆଶୀର୍ବାଦର ଫଳ। ଆଜି ଓଡ଼ିଶାରେ ଯେତେବେଳେ କର୍କଟ ବ୍ୟାଧି ଖୁବ ମାରାତ୍ମକ ଭାବେ କାୟା ବିସ୍ତାର କରୁଛି ଏବଂ ଟାଟା କମ୍ପାନୀ ପରି ବୃହତ ଶିଳ୍ପସଂସ୍ଥା କ୍ୟାନସର ହସ୍‌ପିଟାଲ କରିବା ପାଇଁ ପଛଘୁଂଚା ଦେଉଛି, ସେତେବେଳେ ଓଡ଼ିଶାରେ ହସ୍‌ପିଟାଲ ନିର୍ମାଣ ପାଇଁ ସୁବ୍ରତ ଓ ସୁସ୍ମିତା ୩୪୦ କୋଟି ଟଙ୍କା ଦାନ କରିବା ନିଶ୍ଚୟ ଓଡ଼ିଶା ପାଇଁ ଏକ ବଡ଼ ବରଦାନ। ଏଭଳି ଏକ ତ୍ୟାଗୀ ଦମ୍ପତିଙ୍କ ପାଇଁ ଜଣେ ଓଡ଼ିଆ ଭାବେ ଗର୍ବ ଅନୁଭବ କରୁଛି ବୋଲି ଶ୍ରୀ ପଟ୍ଟନାୟକ କହିବା ସହ ତାଙ୍କୁ ଏଥିପାଇଁ ଶୁଭେଚ୍ଛା ଜଣାଇଛନ୍ତି। ବାଗ୍‌ଚୀ ଦମ୍ପତି ଆସନ୍ତା କାଲିର ନୂଆ ପୀଢ଼ି ପାଇଁ ପ୍ରେରଣାଦାତା ଓ ପଥପ୍ରଦର୍ଶକ ହୋଇଛନ୍ତି। ଈଶ୍ୱର ସେମାନଙ୍କର ମଙ୍ଗଳ କରନ୍ତୁ ବୋଲି ପିସିସି ସଭାପତି ଶ୍ରୀ ପଟ୍ଟନାୟକ କାମନା କରିଛନ୍ତି।

# ନବୀନ ସମ୍ବାଦପତ୍ର କବି ଓ ଲେଖକମାନଙ୍କ ଏନ୍ତୁଡ଼ିଶାଳ

ବ୍ରହ୍ମପୁର (ପିଏନ୍): ୧୯୩୦ ମସିହାରୁ ନିରବଚ୍ଛିନ୍ନ ଭାବେ ପ୍ରକାଶ ପାଇ ଆସୁଥିବା 'ନବୀନ' କେବଳ ସମ୍ବାଦପତ୍ର ନୁହଁ ବରଂ କବି ଓ ଲେଖକମାନଙ୍କ ଏନ୍ତୁଡ଼ିଶାଳ ବୋଲି ବିଶିଷ୍ଟ ସମାଜସେବୀ ତଥା ଭେଷଜବିତ ଡ଼ା. ପି.ସି. ସାହୁ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ହୋଟେଲ ମୋତି ସମ୍ମିଳନୀ କକ୍ଷରେ ଆୟୋଜିତ ନବୀନର ତ୍ରୟୋବିଂଶ ବିଷୁବ ମିଳନ ଓ ରାଜ୍ୟସ୍ତରୀୟ ସାରସ୍ୱତ ସମାବେଶରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଫେସର ଡ଼ା. ସାହୁ କହିଲେ ଯେ ନବୀନ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା କବଚ ଭାବେ ଦୀର୍ଘ ୯୧ ବର୍ଷ ଧରି ନିରନ୍ତର ଭାବେ ନିଜର ଭୂମିକା ଗ୍ରହଣ କରିଆସିଛି। ନବୀନର ସମ୍ପାଦକ ରବି ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାନସ କସ୍ତୁରୀ ଗଣେଶ ପ୍ରସାଦ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଐତିହାସିକ ନବୀନର ସ୍ୱତନ୍ତ୍ର ଓଡ଼ିଶା ଗଠନ ଓ ଭାଷା ଆନ୍ଦୋଳନରେ ପ୍ରମୁଖ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସଭାପତି ଶ୍ରୀ ରଥ ନିଜ ବକ୍ତବ୍ୟରେ ନବୀନ ତାର ପରମ୍ପରା ବଜାୟ ରଖିବା ସହ ନୂତନ କବି, ସାହିତ୍ୟିକମାନଙ୍କୁ ଲୋକଲୋଚନକୁ ଆଣିବା ଓ ସେମାନଙ୍କୁ ଉତ୍ସାହିତ କରିବାର ପ୍ରୟାସ ଜାରି ରଖିଛି। ସବୁ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷାବିତ ହରିହର ଚୌଧୁରୀ, ଆଧ୍ୟାତ୍ମିକ ପ୍ରବକ୍ତା ଜଗନ୍ନାଥ ପଣ୍ଡା, କବି ଭାଗିରଥୀ ବେହେରା, ଅସ୍ଥିଶଲ୍ୟ ବିଶେଷଜ୍ଞ ତଥା ସାହିତ୍ୟିକ ଡ଼ା. ଶଙ୍କର୍ଷଣ ପାତ୍ର, ଯୁବ ଗାଳ୍ପିକ ସୁଶାନ୍ତ କୁମାର ଦାଶଙ୍କୁ ମୁଖ୍ୟଅତିଥି ପ୍ରଫେସର ଡ଼ା. ସାହୁ ନବୀନ ବିଷୁବ ସମ୍ମାନ-୨୦୨୧ରେ ସମ୍ମାନିତ କରିଥିଲେ। ଏହି ଅବସରରେ କୁନି ଲେଖିକା ରୁଦ୍ରରୁପା ବ୍ରହ୍ମାଙ୍କ ଦ୍ୱାରା ରଚିତ ଶିଶୁ କବିତା ସଂକଳନ 'ପାହାଡ଼ ରାଣୀ' ଓ ଦିବଂଗତ ସାହିତ୍ୟିକ ଡ଼ା. ଚନ୍ଦ୍ରମଣି ସ୍ୱାଇଁଙ୍କ ଆଲୋଚନାଗ୍ରନ୍ଥ 'ଉକ୍ତିର ପ୍ରତିରୁକ୍ତି' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସ୍ୱାଗତ ସମିତି ଅଧ୍ୟକ୍ଷ ତଥା ସମାଜସେବୀ ରାମକୃଷ୍ଣ ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନର ସାଧାରଣ ସମ୍ପାଦକ କପିଳ ଚନ୍ଦ୍ର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ, ବନ୍ଦନା ମହାପାତ୍ର, ବି. ସତ୍ୟମ ଆଚାରୀ, ରଞ୍ଜନ କୁମାର ସାହୁ, ପବିତ୍ର କୁମାର ଚୌଧୁରୀ, ଲକ୍ଷ୍ମୀ ନାରାୟଣ ଦାଶ, ବସନ୍ତ ଅଧିକାରୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସମ୍ପାଦକ ସୁଶାନ୍ତ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ। କୋଭିଡ-୧୯ ଗାଇଡ଼ ଲାଇନ ପ୍ରକାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁ କବି କବୟିତ୍ରୀ, ସମାଜସେବୀ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# ଭାରତ ରତ୍ନ ଡ଼ଃ ବି.ଆର୍. ଆମ୍ବେଦକର ଜୟନ୍ତୀ ପାଳିତ

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ତା୧୪.୦୪.୨୦୨୧ରିଖ ବୁଧବାର ଦିନ ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ଼ଃ ବି.ଆର୍.ଆମ୍ବେଦକରଙ୍କ ଜୟନ୍ତୀ କୋଭିଡ୍ ଗାଇଡ୍ ଲାଇନ୍ ଅନୁଯାୟୀ ପାଳିତ ହୋଇଯାଇଛି । ଏହି ଅବସରରେ ବୁଧବାର ସକାଳେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଆଶିଷ ଠାକରେ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଅବସ୍ଥାପିତ ଡଃ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏତଦ୍‌ବ୍ୟତୀତ ସଂଲଗ୍ନରେ ଅବସ୍ଥାପିତ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଉତ୍କଳ ଗୌରବ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଥିଲା । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡ଼ଃ ଉଦ୍ଧବ ଚନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ସନ୍ତୋଷ କୁମାର ନାୟକ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡ଼ଃ ମଧୁସ୍ମିତା ସାମନ୍ତରାୟ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସଂଜୀବ ବାରିକ ପ୍ରମୁଖ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ ।

# ଅଜିତ ମଙ୍ଗରାଜଙ୍କ ବିୟୋଗରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଶୋକସଭା

ଭୁବନେଶ୍ୱର (ପିଏନ୍): ପୁରୀ ଜିଲ୍ଲା କଂଗ୍ରେସ କମିଟିର ସଭାପତି ତଥା ପିପିଲି ଉପନିର୍ବାଚନରେ କଂଗ୍ରେସ ଦଳର ପ୍ରାର୍ଥୀ ଶ୍ରୀ ଅଜିତ୍ ମଙ୍ଗରାଜଙ୍କ କରୋନା ଜନିତ ଅକାଳ ବିୟୋଗରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଗଭୀର ଶୋକପ୍ରକାଶ କରାଯାଇ କଂଗ୍ରେସ ଭବନ, ଭୁବନେଶ୍ୱରଠାରେ ଏକ ଶୋକସଭା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ



ଅନୁଷ୍ଠିତ ହୋଇଯାଇଛି। ବୈଠକର ପ୍ରାରମ୍ଭରେ କଂଗ୍ରେସ ନେତୃବୃନ୍ଦ ସ୍ୱର୍ଗତ ମଙ୍ଗରାଜଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଂଜଳି ଅର୍ପଣ କରିବା ପରେ ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ମୃତିଚାରଣ କରି ପିସିସି ସଭାପତି ଶ୍ରୀ ପଟ୍ଟନାୟକ କହିଲେ ଯେ ଅଜିତ୍ ବାବୁଙ୍କ ମୃତ୍ୟୁ ଦଳପାଇଁ ଅପୂରଣୀୟ କ୍ଷତି। ସେ ଜଣେ ପରିଶ୍ରମୀ ଓ ଦୃଢ଼ ସଂଗଠକ ଭାବରେ ଜଣାଶୁଣା ଥିଲେ। ସେ ପୁରୀ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଦାୟିତ୍ୱ ନେବା ପରଠାରୁ କଂଗ୍ରେସକୁ ମଜବୁତ କରିବା ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଥିଲେ। ଦଳପ୍ରତି ତାଙ୍କର ସ୍ୱପ୍ନକୁ ଆମ୍ଭେମାନେ ସାକାର କରିପାରିଲେ ତାହାହିଁ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଂଜଳି ହେବ। ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ପିସିସି ସଭାପତି ଶ୍ରୀ ପଟ୍ଟନାୟକ ଗଭୀର ସମବେଦନା ଜଣାଇଥିଲେ। ଶ୍ରଦ୍ଧାଂଜଳି ଜଣାଇ ଅଖିଳ ଭାରତ କଂଗ୍ରେସ କମିଟି ସଂପାଦକ ଶ୍ରୀ ଜି. ରୁଦ୍ର ରାଜୁ କହିଲେ ଯେ ସ୍ୱର୍ଗତ ମଙ୍ଗରାଜ କଂଗ୍ରେସ ଦଳର ଜଣେ ସଚ୍ଚା କର୍ମୀ ଥିଲେ। ତାଙ୍କର ମୃତ୍ୟୁରେ ଦଳ ଜଣେ ଉତମ ସୈନିକଙ୍କୁ ହରାଇଲା। କଂଗ୍ରେସ ଅଧ୍ୟକ୍ଷା ଶ୍ରୀମତୀ ସୋନିଆ ଗାନ୍ଧୀ, ପୂର୍ବତନ ଅଧ୍ୟକ୍ଷ ଶ୍ରୀ ରାହୁଲ ଗାନ୍ଧୀ ଓ କଂଗ୍ରେସ ପ୍ରଭାରୀ ଡ. ଏ ଚେଲାକୁମାରଙ୍କ ପକ୍ଷରୁ ଶ୍ରୀ ରାଜୁ ଗଭୀର ସମବେଦନା ଜଣାଇଥିଲେ। ଶ୍ରଦ୍ଧାଂଜଳି ଜଣାଇ ପିସିସି କାର୍ଯ୍ୟକାରୀ ସଭାପତି ସର୍ବଶ୍ରୀ ପ୍ରଦୀପ ମାଝୀଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ରାମଚନ୍ଦ୍ର ଖୁଂଟିଆ, ବିଧାୟକ ସନ୍ତୋଷ ସିଂ ସାଲୁଜା, ଅଧିରାଜ ମୋହନ ପାଣିଗ୍ରାହୀ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା, ମୁଖପାତ୍ର ନିଶିକାନ୍ତ ମିଶ୍ର ପ୍ରମୁଖ ସ୍ୱର୍ଗତ ମଙ୍ଗରାଜଙ୍କର ଜୀବନୀ ଓ ସାଂଗଠନିକ ଦକ୍ଷତା ସଂପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସୁରେଶ କୁମାର ରାଉତରାୟ, ଯୁଧିଷ୍ଠିର ଜେନା, ବିଜୟଲକ୍ଷ୍ମୀ ସାହୁ, ଶିବାନନ୍ଦ ରାୟ, ଶୁଭେନ୍ଦୁ ମହାନ୍ତି, ଅମୀୟ ପଟ୍ଟନାୟକ, ଜାନକୀବଲ୍ଲଭ ପଟ୍ଟନାୟକ, ମନୋରଂଜନ ଦାଶ, ବିଶ୍ୱଜିତ୍ ଦାଶ, ହଳଧର ସେଠୀ, ପଦ୍ମାକର ଗୁରୁ, ମାନସ ଆଚାର୍ଯ୍ୟ, ଚିନ୍ମୟ ସୁନ୍ଦର ଦାସ, ଜିତୁ ପ୍ରକାଶ ପରିଡା, ଅଶୋକ କୁମାର ଦାସ, ଦୀପକ ମହାପାତ୍ର, କନକଲତା ମଲ୍ଲିକ, ଶ୍ରୀୟାସ୍ମିତା ପଣ୍ଡା, ଲିଙ୍ଗରାଜ ସାହୁ, ବିସ୍ମୟ ମହାପାତ୍ର, ଜ୍ଞାନଦେବ ବେଉରା, ସଂଜୟ ମିଶ୍ର, ଅକ୍ଷୟ ଦାସ, ଜ୍ଞାନ ପଟ୍ଟନାୟକ, କୁସୁମ ପ୍ରଧାନ, ସୁଶାନ୍ତ ତ୍ରିପାଠୀ, ଶଶିକାନ୍ତ ଲେଙ୍କା, ମିହିର ଆଚାର୍ଯ୍ୟ, ଜୟକୃଷ୍ଣ ସୁବୁଦ୍ଧି, ଦୀପକ ସାହୁ, ସତ୍ୟବ୍ରତ ନାୟକ, ସୁବାଷ ପ୍ରଧାନ, ଶ୍ରୀଧର ବଳିୟାରସିଂ, ଦେବୀପ୍ରସାଦ ବାହାଲିଆ, ସାଗର ପରିଡା, ସୀମାନ୍ତ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଂଜଳି ଜଣାଇଥିଲେ।

# ଭାଗବତପ୍ରେମୀଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଭାଗବତ ସମିତିର ବ୍ଲକ ଶାଖା ତରଫରୁ ପିଠାଗୋଳା ଗ୍ରାମ ପଂଚାୟତର ନନ୍ଦରା ଗ୍ରାମଠାରେ ବହୁ ପ୍ରତିଷ୍ଠିତ ବୟସ୍କ ମହିଳା ଏବଂ ଭାଗବତ ପ୍ରେମୀମାନଙ୍କୁ ନେଇ ବିଭିନ୍ନ ମନ୍ଦିର ଏବଂ ଗ୍ରାମରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓଡିଆ ହିନ୍ଦୁ ନବବର୍ଷ ମହାବିଷୁବ ପଣାସଂକ୍ରାନ୍ତି ଅବସରରେ ଚଳିତ ମାସ ୧୩ତାରିଖରେ ବକ୍ସିବାରିଗାଁ ଗ୍ରାମର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏହି ସଫେଇ କାର୍ଯ୍ୟକ୍ରମ ହୋଇଥିବା ବେଳେ ପରେ ନନ୍ଦରା ଶିବ ମନ୍ଦିରରେ ମଧ୍ୟ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଭାଗବତ ପ୍ରଚାର ପ୍ରସାର ସମିତି ହରିଚନ୍ଦନପୁର ବ୍ଲକ ଶାଖାର ସଭାପତି ପଦାମ୍ବୁଜ ସାହୁ, ସମ୍ପାଦକ ପର୍ଶୁରାମ ସାହୁ, ସହସମ୍ପାଦକ କୃଷ୍ଣଚନ୍ଦ୍ର ବେହେରା, ରବୀନ୍ଦ୍ର ବେଜଙ୍କ ସହ ପୁରୁଷ ଏବଂ ମହିଳା ଉପସ୍ଥିତ ଥିଲେ । କୋଭିଡ୍ କଟକଣା ନିୟମକୁ ଆଖି ଆଗରେ ରଖି ଆଗାମୀ ଦିନ ମାନଙ୍କରେ ବହୁ ଭାଗବତ ମଣ୍ଡଳୀ ଗଠନ କରିବା ସଙ୍ଗେ ସଙ୍ଗେ ନାମ ସଂକୀର୍ତ୍ତନର ପୁନଃ ଉଦ୍ଧାର କିପରି ହୋଇପାରିବ ସେ ବିଷୟରେ ଭାଗବତ ପ୍ରେମୀମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି ।




# କୁନି କୁନି ମାନସିକଧାରୀମାନେ ନିଜ ପରିବାର ସହ ମନ୍ଦିର ବାହାରେ କଲେ ଜଳାଭିଷେକ



କେନ୍ଦୁଝର:(ପି.ଏନ୍.):ଆଜି ଶ୍ରାବଣ ମାସର ତୃତୀୟ ସୋମବାର ହୋଇଥିବା ବେଳେ ଗତବର୍ଷ କରୋନାର ପ୍ରଥମ ଲହର ସମୟରେ ସରକାର ବୋଲ୍‌ବୋମ୍ ଯାତ୍ରା ଉପରେ କଟକଣା ଲାଗୁ କରିଥିଲେ । ଚଳିତ ବର୍ଷ କରୋନାର ଦ୍ୱିତୀୟ ଲହର ପ୍ରକୋପ କମୁଥିଲେ ମଧ୍ୟ ତୃତୀୟ ଲହରର ଆଶଙ୍କାକୁ ଦୃଷ୍ଟିରେ ରଖି ସରକାର ଚଳିତ ବର୍ଷ ଶ୍ରାବଣ ମାସରେ କାଉଡିଆଙ୍କ ଯାତ୍ରା ଉପରେ କଟକଣା ଜାରି କରିଛନ୍ତି । ଆନନ୍ଦପୁର ଉପଖଣ୍ଡର ଝାଡେଶ୍ୱର, ବାଲୁଙ୍କେଶ୍ୱର ଓ ଉତ୍ତରେଶ୍ୱର ଆଦି ପ୍ରାଚୀନ ଶୈବପୀଠ ଭିତରକୁ ଅନୁମତି ନଥିବାରୁ ସମସ୍ତ ମାନସିକଧାରୀମାନେ ମନ୍ଦିରର ମୁଖ୍ୟ ଦ୍ୱାର ବାହାରେ ଥିବା ଗୋକର୍ଷ ବଟ ମୂଳରେ ସ୍ଥାପିତ ମହାଦେବଙ୍କ ପାଖରେ କୋରନା କଟକଣାର ନିୟମ ପାଳନ ପୂର୍ବକ ଜଳାଭିଷେକ କରିଥିଲେ । ଜଳାଭିଷେକ କରିଥିବା କୁନି କୁନି ମାନସିକଧାରୀମାନେ ହେଲେ ଅଂଶୁମାନ ରାଉଳ, ଶ୍ରୀୟାଂଶ ଶେଖର ଦଳେଇ, ପ୍ରିୟାଂଶୁ ଶେଖର ଦଳେଇ, ବିତିଦା କ୍ଷେତ୍ର ଆଦି ସପରିବାର ସହ ଝାଡେଶ୍ୱର ଶୈବପୀଠରେ ଜଳାଭିଷେକ କରିଥିଲେ ।

## ପାଇପ୍ ବିଛାଇବାକୁ ରାସ୍ତା ଖୋଳି ଠିକାଦାର ଛୁ

କେନ୍ଦୁଝର: ପାଇପ୍ ବିଛାଇବା ପାଇଁ ରାସ୍ତା ଖୋଳି ଦେଇ ଠିକାଦାରଙ୍କ ଆଉ ଦେଖା ଦର୍ଶନ ମିଳୁନାହିଁ । ଫଳରେ ମିଲ ସାହି ବାସିନ୍ଦା ହନ୍ତସନ୍ତ ହେଉଛନ୍ତି । ଆନନ୍ଦପୁର ପୌରାଞ୍ଚଳ ୧୬ନଂ ୱାର୍ଡର ଶୈଳଙ୍ଗ ମିଲସାହିରେ ୬୦ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର ବାସ କରୁଛନ୍ତି । ଏକ ସପ୍ତାହ ତଳେ ପାନୀୟ ଜଳଯୋଗାଣ ପାଇଁ ମେଗା ପ୍ରୋଜେକ୍ଟରେ ରାତିରେ ରାସ୍ତା ଖୋଳାଯାଇ ପାଇପ୍ ବିଛା ଯାଇଥିଲା । ପାଇପ୍ ବିଛାଇବା ପରେ ରାସ୍ତାକୁ ମେଟାଲିଂ କରାଯିବାକୁ ଠିକା ସଂସ୍ଥା ପକ୍ଷରୁ ଲୋକଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା । ହେଲେ ଠିକା ସଂସ୍ଥା ପାଇପ୍ ବିଛାଇ ଦେଇ ମାଟିକୁ ଉପରେ ଛାଡି ଦେଇ ପଳାଇ ଯାଇଛି ଯେ ଆଉ ଦେଖାଦର୍ଶନ ମିଳୁନାହିଁ । ରାସ୍ତା ଉପରେ ମାଟି ପଡିଥିବା ବେଳେ ପୂର୍ବରୁ ଥିବା ପାଇପ୍ ଲାଇନ୍ ଫାଟି ଯାଇଥିବାରୁ ପାଣି ଲିକ୍ ହୋଇ ରାସ୍ତା କାଦୁଅ ହେଉଥିବା ଅଭିଯୋଗ ହୋଇଛି । ରାସ୍ତାରେ ମାଟି କାଦୁଅ ସାଙ୍ଗକୁ ଆଣ୍ଠୁଏ ଖାଲ ହୋଇଥିବାରୁ ଇତି ମଧ୍ୟରେ ତିନୋଟି ଦୁର୍ଘଟଣାରେ ଲୋକମାନେ ଖଣ୍ଡିଆଖାବରା ହୋଇଥିବା ଜଣାପଡିଛି । ଏପଟେ ୨୦ନଂ ଜାତୀୟ ରାଜପଥରୁ ସାହିର ପ୍ରବେଶ ପଥରେ ଏଆରଏସ୍‌ଏସ୍ କମ୍ପାନୀ ପକ୍ଷରୁ ବିଲମାଟି ପକାଯାଇ ଥିବାରୁ ଲୋକମାନଙ୍କ ଯାତାୟତରେ ସମସ୍ୟା ସୃଷ୍ଟି ହୋଇଛି । ବାରମ୍ବାର ଏଥିପ୍ରତି ଠିକା ସଂସ୍ଥାର ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ କୌଣସି ପଦକ୍ଷେପ ନିଆଯାଉ ନଥିବା ନେଇ ସାହିର ବୃନ୍ଦାବନ କୁମାର ମାରାଣ୍ଡି, ମୋହନ ମାରାଣ୍ଡି, ନାରଣ କିସ୍କୁ, ମାନସ ମୁର୍ମୁ, ସୁନୀଲ କୁମାର ମାରାଣ୍ଡି, ଗୋପୀନାଥ ମାରାଣ୍ଡି, ଦୁର୍ଗା ମାରାଣ୍ଡି ପ୍ରମୁଖ ଅଭିଯୋଗ କରିଛନ୍ତି । ଆସନ୍ତା ଏକସପ୍ତାହ ମଧ୍ୟରେ ରାସ୍ତା ସମସ୍ୟାର ସମାଧାନ ନହେଲେ ସାହିର ସମସ୍ତ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ପଥର ମାଫିଆ ଓ ପ୍ରଶାସନର ମିଳିଭଗତରେ ଚୋରାଚାଲାଣ ହେଉଛି କଳାମୁଗୁନି ପଥର



ରଣପୁର (ପି.ଏନ) ଦିନ ଦିପହରରେ ବେଆଇନ ଭାବେ ଚୋରା ଚାଲାଣ ହେଉଛି ଶହ ଶହ ଟ୍ରକର କଳା ମୁଗୁନି ପଥର । ଏହି ଦୃଶ୍ୟ ହେଉଛି ନୟାଗଡ ଜିଲ୍ଲା ରଣପୁର ତହସିଲ ଅଂଚଳ । ସ୍ଥାନୀୟ ପ୍ରଶାସନର ଆଖିରେ ଆଙ୍ଗୁଟି ଗେଂଜି ପଥର ମାଫିଆମାନେ ଚଳାଇଛନ୍ତି ରାଜ । ନା ଭୟ ଅଛି ସ୍ଥାନୀୟ ତହସିଲ ପ୍ରଶାସନକୁ ନା ପୋଲିସକୁ । ଖୁଲମ ଖୁଲା ବେଧଡକ ଭାବେ ଲୁଟି ନେଉଛନ୍ତି ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ । ଆଉ ଏବେ ବିବାଦ ଘେରକୁ ଟାଣି ହୋଇଛନ୍ତି ରଣପୁର ତହସିଲଦାର ସଂଜୟ କୁମାର ସାମନ୍ତରାୟ । ପଥର ମାଫିଆମାନଙ୍କୁ ରଣପୁର ତହସିଲଦାର ସହଯୋଗ କରୁଥିବା ଭଳି ସଂଗିନୀ ଅଭିଯୋଗ ଆଣିଛି ବିଜେପି । ଏପଟେ ଚିଆଁଇ ଶୋଇଛି ସ୍ଥାନୀୟ ପ୍ରଶାସନ । ପଥର ମାଫିଆ ଓ କିଛି ଅସାଧୁ ସରକାରୀ କର୍ମଚାରୀଙ୍କ ମିଳିଭଗତରେ ଏଭଳି ଚୋରାଚାଲାଣ ହେଉଥିବା ସ୍ଥାନୀୟବାସୀ ଅଭିଯୋଗ କରିଛନ୍ତି । ଯଦି ଏହାକୁ ବନ୍ଦ କରାନଯାଏ ତେବେ ବିଗତ ଦିନରେ ସ୍ଥାନୀୟ ଅଂଚଳବାସୀ ତହସିଲ ଅଫିସ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ବାଙ୍ଗିରିପୋଷି-ଗୋରୁମହିଷାଣି ନୂତନ ରେଳପଥ ନିର୍ମାଣ ଦାବୀରେ ଅଗଷ୍ଟ ୨୭ ରୁ ଭଞ୍ଜସେନାର ପଦଯାତ୍ରା

ବାରିପଦା: ସର୍ଭେ କାର୍ଯ୍ୟ ଶେଷ ହୋଇଥିବା ବାଙ୍ଗିରିପୋଷି-ଗୋରୁମହିଷାଣି ୪୨ କି.ମି. ନୂତନ ରେଳପଥର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାରେ କେନ୍ଦ୍ର ସରକାରଙ୍କ ରେଳ ମନ୍ତ୍ରଣାଳୟ କ୍ରମାଗତ ଅହେତୁକ ବିଳମ୍ବ ତଥା ମୟୂରଭଞ୍ଜ ପ୍ରତି କେନ୍ଦ୍ରର ବୈମାତୃକ ମନୋଭାବ ପ୍ରତିବାଦରେ ଜିଲ୍ଲାର ଅଣରାଜନୈତିକ ସଂଗଠନ ଭଂଜସେନା ପକ୍ଷରୁ ସରକାରଙ୍କ ଉପରେ ଚାପ ପ୍ରୟୋଗ କରି ଯଥାଶୀଘ୍ର ଉକ୍ତ ନୂତନ ରେଳପଥ ନିର୍ମାଣ ପାଇଁ ଚଳିତ ଅଗଷ୍ଟ ୨୭ଠାରୁ ବାଙ୍ଗିରିପୋଷି ରେଲୱେ ଷ୍ଟେସନରୁ ପଦଯାତ୍ରା ଆରମ୍ଭ କରିବ ଏବଂ ସଡକ ପଥରେ ୬୨ କି.ମି. ଅତିକ୍ରମକରି ଗୋରୁମହିଷାଣିଠାରେ ଅଗଷ୍ଟ ୨୯ ରେ ଶେଷ ହେବ ବୋଲି ପୂର୍ବରୁ ସେନା ପକ୍ଷରୁ ଘୋଷଣା କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଅଗଷ୍ଟ ୧ରେ ଭଂଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନରେ ଜିଲ୍ଲାସ୍ତରୀୟ କର୍ମକର୍ତାଙ୍କ ଉପସ୍ଥିତିରେ ପ୍ରସ୍ତୁତି ବୈଠକ ବସି ପଦଯାତ୍ରାର କାର୍ଯ୍ୟସୂଚୀ ବାବଦରେ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା । ବୈଠକରେ ସର୍ବସମ୍ମତି କ୍ରମେ ଜିଲ୍ଲା କାର୍ଯ୍ୟକାରୀ ଅଧ୍ୟକ୍ଷ ରାକେଶ ସିଂଙ୍କୁ ପ୍ରତ୍ୟକ୍ଷ ଭାବେ ଏହି ପଦଯାତ୍ରାର ତତ୍ତ୍ୱାବଧାନ କାର୍ଯ୍ୟର ଦାୟିତ୍ୱ ପ୍ରଦାନ କରାଗଲା ।

## ଘଷିପୁରା ବ୍ଲକ ଶିକ୍ଷା ଅଧିକାରୀଙ୍କ ପଦବୀ ପୂରଣ କେବେ ?

କେନ୍ଦୁଝର:କେନ୍ଦୁଝର ଜିଲ୍ଲାର ପ୍ରମୁଖ ବ୍ଲକ ଘଷିପୁରାରେ ଦୀର୍ଘଦିନ ଧରି ବିଇଓ ପଦବୀ ଖାଲି ପଡିଛି । ଘଷିପୁରା ବ୍ଲକରେ ଗତ ଏପ୍ରିଲ ୨୦୧୯ ମସିହାରେ ତତ୍କାଳୀନ ବିଇଓ ଗୋପାଳ ଚରଣ ପତି ଚାକିରୀରୁ ଅବସର ନେବା ପରେ ଅଦ୍ୟାବଧି ଜଣେ ନିୟମିତ ବିଇଓଙ୍କ ନିଯୁକ୍ତି ହୋଇପାରି ନାହିଁ । କିଛିଦିନ ହେଲା ଘଟଗାଁ ବ୍ଲକ ବିଇଓଙ୍କୁ ଅତିରିକ୍ତ ଦାୟୀତ୍ୱ ଦିଆଯାଇଥିବା ବେଳେ ୨୦୨୦ ମସିହା ମାର୍ଚ୍ଚ ମାସରେ ଜନୈକ ନିୟମିତ ବିଇଓ ନିଯୁକ୍ତି ହୋଇଥିଲେ । ମାତ୍ର ପରବର୍ତ୍ତି ସମୟରେ ପଦୋନ୍ନତି ପାଇ ଅନ୍ୟତ୍ର ନିଯୁକ୍ତି ପାଇଥିଲେ । ପରବର୍ତ୍ତି ସମୟରେ ସରକାର ସ୍ଥାୟୀ ଶିକ୍ଷାଧିକାରୀ ନିଯୁକ୍ତି ନକରି ପୂର୍ବତନ ଘଟଗାଁ ବିଇଓଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇଛି । ଉକ୍ତ ଅଧିକାରୀ ଦୁଇଟି ବ୍ଲକ ଦାୟୀତ୍ୱରେ ଥିବାରୁ ଘଷିପୁରା ବ୍ଲକ କାର୍ଯ୍ୟ ପାଇଁ ସମୟ ଦେଉ ନାହାଁନ୍ତି ବୋଲି ଅଭିଯୋଗ ହେଉଛି ଏବଂ ଏହି ଅନୁପସ୍ଥିତିର ସୁଯୋଗ ନେଇ କେତେକ ଅସାଧୁ କର୍ମଚାରୀ ନିୟମିତ କାର୍ଯ୍ୟାଳୟକୁ ଆସୁ ନାହାଁନ୍ତି ଏବଂ ଆଉ କେତେକ ମନଇଚ୍ଛା କାର୍ଯ୍ୟାଳୟ ଛାଡି ପଳାଉଛନ୍ତି । କୋଭିଡ୍ ମହାମାରୀ ଯୋଗୁଁ ବିଦ୍ୟାଳୟ ଗୁଡିକ ଖୋଲୁ ନଥିବାରୁ ସରକାର ଅନ୍‌ଲାଇନ୍ ଶିକ୍ଷାକୁ ଗୁରୁତ୍ୱ ଦେଉଛନ୍ତି ଫଳରେ ବିଇଓଙ୍କ ଅନୁପସ୍ଥିତି ଯୋଗୁଁ ବିଦ୍ୟାଳୟ ଗୁଡିକର ସଠିକ୍ ପରିଚାଳନା ହୋଇପାରୁ ନାହିଁ । ଫଳରେ ଆନନ୍ଦପୁର ଉପଖଣ୍ଡରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଷୁଡି ପଡିଛି ।

## ଭଦ୍ରକ ଜିଲା ମେଡିଆ ଆସୋସିଏସନର ବନ୍ଧୁମିଳନ ଓ ଆଲୋଚନାଚକ୍ର

ଭଦ୍ରକ: ଗଣମାଧ୍ୟମ ପ୍ରତିନିଧିମାନେ ବହୁ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଗତି କରୁଛନ୍ତି । ପ୍ରତ୍ୟେକ ମୁହୂର୍ତରେ ସେମାନଙ୍କ ମୁଣ୍ଡ ଉପରେ ବିପଦ ରହିଛି । କରୋନା ସମୟରେ ନିଜର ଜବୀନକୁ ପାଣି ଛଡ଼ାଇ ସରକାରଙ୍କ ସମସ୍ତ ପଦକ୍ଷେପ ଲୋକମାନଙ୍କ ନିକଟରେ ପହଂଚାଇବା ସହ ବ୍ୟାପକ ସଚେତନତା ସୃଷ୍ଟି କରିବାରେ ସେମାନେ ସକ୍ଷମ ହୋଇଛନ୍ତି । ଏହି ସମୟରେ କେତେକ ସାମ୍ବାଦିକଙ୍କ ବହୁମୂଲ୍ୟ ଜୀବନ ମଧ୍ୟ ଚାଲିଯାଇଛି । ସରକାରଙ୍କ କ୍ଷତିପୂରଣ ରାଶୀ ଏହି ଶୂନ୍ୟସ୍ଥାନକୁ ପୂରଣ କରି ପାରିବ ନାହିଁ । ସେହିପରି ଗଣମାଧ୍ୟମ ପ୍ରତିନିଧିମାନଙ୍କ ଉପରେ କ୍ରମାଗତ ଆକ୍ରମଣ ବୃଦ୍ଧି ପାଇବାରେ ଲାଗିଛି । ସେମାନଙ୍କ ସାମାଜିକ ସୁରକ୍ଷା ବୋଲି କିଛି ନାହିଁ । ସରକାର ବୀମା ବ୍ୟବସ୍ଥା କରିଥିଲେ ମଧ୍ୟ ଏହା ଯଥେଷ୍ଟ ନୁହେଁ । ବିଭିନ୍ନ ବର୍ଗର ଲୋକଙ୍କୁ ସରକାର ଭତା ପ୍ରଦାନ କରୁଛନ୍ତି । ବିଭିନ୍ନ ରାଜ୍ୟରେ ବେତନ ବ୍ୟବସ୍ଥା କରିବା କରିବା ସହ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମର ପ୍ରତିନିଧିମାନଙ୍କ ପାଇଁ ସାମ୍ବାଦିକ ସୁରକ୍ଷା ବିଲ ଆଣିଛନ୍ତି । କିନ୍ତୁ ଆମ ରାଜ୍ୟରେ ଏହି ପ୍ରସ୍ତାବିତ ବିଲ୍ କେବେ ଲାଗୁ ହେବ ତାହାର କୌଣସି ନିଶ୍ଚିତତା ନାହିଁ । ତେଣୁ ଗଣମାଧ୍ୟମର ପ୍ରତିନିଧିମାନେ ଦାୟିତ୍ୱ ସମ୍ପର୍ଣ୍ଣ ହୋଇ ନିଜ ସୁରକ୍ଷାର ବ୍ୟବସ୍ଥା ନିଜେ କରିବା ଦରକାର ବୋଲି ଭଦ୍ରକ ଜିଲ୍ଲା ମେଡିଆ ଆସୋସିଏସନର ବନ୍ଧୁମିଳନ ଓ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି । ଉତ୍କଳ ସାମ୍ବାଦିକ ସଂଘର ସଭାପତି ରବିନାରାୟଣ ଖିଲାରଙ୍କ ସଭାପତିତ୍ୱ ଓ ମେଡିଆ ଆସୋସିଏସନର ସଭାପତି ମହେଶ ମିଶ୍ରଙ୍କ ସଂଯୋଜନାରେ ସ୍ଥାନୀୟ ଭାଗବତ କଲ୍ୟାଣମଣ୍ଡପ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସରକାରୀ ଓକିଲ ରୋ. ଅତିଶ କୁମାର ବେହେରା, ଜ୍ଞାନ ପ୍ରକାଶ ପାଣୀ, ନରେନ୍ଦ୍ର ସାମଲ, ତପନ କୁମାର ମିଶ୍ର, ଚାରୁଦତ ନାୟକ, ତପନ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ପ୍ରଥମେ ରାଜେଶ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ, ଶୁଭଦ୍ୱୀପ ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାର୍ଥସାରଥୀ ନାୟକ, ଜଗବନ୍ଧୁ ବେହେରା, ଅବିନାଶ ପଣ୍ଡା, ରମେଶ ପାଗଲ, ସଂଜୟ ଦାସ, ଲାଲା ପ୍ରମୋଦ ରାୟ, ଶାନ୍ତନୁ ପଣ୍ଡା, ସନ୍ତୋଷ ଦାସ ପ୍ରମୁଖ ଉପସ୍ଥିତ ଥିବାବେଳେ, କମଳଲୋଚନ ପଣ୍ଡା, ଦେବେନ୍ଦ୍ର ନାୟକ, କେଦାର ନାଥ ତ୍ରିପାଠୀ, ସାହିଦ କାଦ୍ରୀ, ଶ୍ରୀକାନ୍ତ ଦାସଙ୍କ ସମେତ ବହୁ ଯୁବ ସାମ୍ବାଦିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଭଦ୍ରକ ଓଡିଶା ସ୍କୁଲ କଲେଜ ମିଳିତ ମଂଚର ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ

ଭଦ୍ରକ: ଭଦ୍ରକ ଓଷ୍ଟା ଅଫିସ ଠାରେ ଓଡିଶା ସ୍କୁଲ କଲେଜ ମିଳିତ ମ ର ବୈଠକ ଓଷ୍ଟା ଜିଲ୍ଲା ସଭାପତି ରମାକାନ୍ତ ପରିଡାଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା । ସର୍ବ ପ୍ରଥମେ ମହାମାରୀ କରୋନାରେ ଜୀବନ ହରାଇ ଥିବା ବ୍ୟକ୍ତିଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ୍ ନିରବତା ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଜିଲ୍ଲା ସଂପାଦକ ପ୍ରଦିପ୍ତ ଦାସ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଆଗାମୀ ଅଗଷ୍ଟ ୯ତାରିଖ କ୍ରାନ୍ତିଦିବସ ଠାରୁ ଭଦ୍ରକ ଜିଲ୍ଲାରେ ଶିକ୍ଷକ ଓ ଅଧ୍ୟାପକ ମାନେ ମିଳିତ ଭାବରେ ଆନ୍ଦୋଳନ କରିବା ପାଇଁ ନିଷ୍ପତି ହୋଇଛି । ଅଗଷ୍ଟ ୯ହେଉଛି ଇତିହାସ ର ଏକ ମାଇଲ ଖୁଂଟ । ସେ ଦିନ ହେଉଛି କ୍ରାନ୍ତୀ ଦିବସ ଏହି ଦିବସ ଠାରୁ ସରକାର ଙ୍କର ତୃଟିପୂର୍ଣ୍ଣ ଶିକ୍ଷାନୀତି ବିରୁଦ୍ଧରେ ମିଳିତ ଭାବରେ ଆନ୍ଦୋଳନ କରିବାପାଇଁ ଆହ୍ୱାନ ଦିଆଗଲା । ଏଥିସହିତ ପ୍ରମୁଖ ଦାବୀ ଯଥା- ୧୭୭ ବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ କରିବା, ନୂତନ ଅନୁଦାନ ପ୍ରାପ୍ତ ସ୍କୁଲ ଓ କଲେଜକୁ ଅବିକଳ ସପ୍ତମ ବେତନ ପ୍ରଦାନ କରିବା, ଚାକିରୀ ସର୍ତାବଳୀ ପ୍ରଦାନ କରିବା, ପେନସନ ପ୍ରଦାନ କରିବା, ଅବସର ବୟସ ୬୨ବର୍ଷକୁ ବୃଦ୍ଧି କରିବା । ଏହି ଦାବିନେଇ ଆସନ୍ତା ଅଗଷ୍ଟ ୯ତାରିଖ କ୍ରାନ୍ତିଦିବସ ଅବସରରେ ଜିଲ୍ଲାପାଳଙ୍କ ଜରିଆରେ ଓଡିଶା ସ୍କୁଲ କଲେଜ ମିଳିତ ମଂଚ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ । ସରକାର କୌଣସି ପଦକ୍ଷେପ ନନେଲେ ଆଗାମି ଅଗଷ୍ଟ ୧୬ତାରିଖ ଦାବି ଦିବସରେ ମିଳିତ ମଂଚ ତରଫରୁ ଭୁବନେଶ୍ୱରରେ ଆନ୍ଦୋଳନ କରାଯିବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା । ଓଷ୍ଟା ରାଜ୍ୟ ସଂପାଦିକା ସୁରଜିତା ନାୟକ, ଅକ୍ଷୟ ହୋତା, ପ୍ରଦୀପ୍ତ ଦାସ, ମନୋରଂଜନ ପଣ୍ଡା, ୬୬୨ କଲେଜ ସଂଘର ଆଦିତ୍ୟ ଜେନା, ଲକ୍ଷ୍ମୀଧର ନାୟକ, ମଦ୍ରାସା ସଂଘର ଶେଖ ରାଜା, ଅଫତାବ ଆଲାମ, ଅଲଓଷ୍ଟା- ଅଶୋକ ରାଉତ, ଉପେନ୍ଦ୍ର ବିଶ୍ୱାଳ, ବଂଶୀଧର ପାଣିଗ୍ରାହୀ, ବିରଂଚି ସାମଲ, ସାହା ମୂର୍ତି ପ୍ରମୁଖ ଯୋଗଦେଇଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ଶିକ୍ଷକ ସଂଘର ସ୍ୱାଗତ

କେନ୍ଦୁଝର: ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ପାଇଁ ଆବଶ୍ୟକ ସମୟକୁ ହ୍ରାସ କରାଯାଇ ଥିବାରୁ ଆନନ୍ଦପୁରରେ ଶିକ୍ଷକ/ଶିକ୍ଷୟତ୍ରୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ଲେଭଲ ବି ରେ ଥିବା ଶିକ୍ଷକଙ୍କ ପାଇଁ ରେସିଡେନ୍ସି ସମୟକୁ ଏକବର୍ଷରୁ ଛଅ ମାସକୁ ହ୍ରାସ କରାଯାଇଥିବା ବେଳେ ଲେଭଲ ୪ରୁ ଲେଭଲ ୩କୁ ପଦୋନ୍ନତି ପାଇଁ ରେସିଡେନ୍ସି ପିରିଅଡ୍ ୨ବର୍ଷରୁ ଏକବର୍ଷକୁ କୋହଳ କରାଯିବା ସହିତ ତୁରନ୍ତ ଏହାକୁ ଲାଗୁ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବାରୁ ଅନେକ ପ୍ରାଥମିକ ଶିକ୍ଷକ ଉପକୃତ ହେବେ ବୋଲି ଆନନ୍ଦପୁର ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି । ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଶିକ୍ଷାମନ୍ତ୍ରୀ ସମୀର ରନ ଦାସ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ପ୍ରାଥମିକ ଶିକ୍ଷକ ଫେଡରେସନ୍ ସଭାପତି ହୃଦାନନ୍ଦ ଦ୍ୱିବେଦୀ, ମହାସଚିବ ଅମିୟ କୁମାର ଦାସଙ୍କୁ ସଂଘ ପକ୍ଷରୁ କୃତଜ୍ଞତା ପ୍ରଦାନ କରାଯାଇଛି । କେନ୍ଦୁଝର ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅତୁଲ କୁମାର ବଳ, ସାଧାରଣ ସମ୍ପାଦକ ମକୁନ୍ଦ ଚରଣ ସାହୁ, ଆନନ୍ଦପୁର ବ୍ଲକ ସଭାପତି ସନ୍ତୋଷ କୁମାର ଜେନା, ସମ୍ପାଦକ ମଦନମୋହନ ମୁଦୁଲି, ଉପସଭାପତି ରଜତ କୁମାର ଦତ୍ତ, ସ୍ମିତାରାଣୀ ଜେନା, ସହ ସମ୍ପାଦକ ବସନ୍ତ କୁମାର ମିଶ୍ର, ମଧୁସୂଦନ ବେହେରା, ଶ୍ୟାମସୁନ୍ଦର ସାହୁ,କୋଷାଧ୍ୟକ୍ଷ ଚିନ୍ତାମଣି ବେହେରା, ସଂଯୋଜକ ବୁଦ୍ଧଦେବ ନାୟକ, ଶିକ୍ଷକ ଚିତ୍ତରଂଜନ ଘଡେଇ, ସୌମ୍ୟ ରଂଜନ ପତି, ବିଶ୍ୱଜିତ ନାୟକ,କଳ୍ପନା ନାୟକ, ଜ୍ୟୋସ୍ନାମୟୀନାୟକ, ଅନ୍ନପୂର୍ଣ୍ଣା ନାହାକ, ନିରଂଜନସାହୁ, ସୁବାଷ ଚନ୍ଦ୍ର ଖଣ୍ଡୁଆ, ନରହରି ବେହେରା, ପ୍ରଭନ ପାଢୀ ପ୍ରମୁଖ ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ।

## ମୃତକଙ୍କ ନାମରେ ଉଠୁଛି ଭତ୍ତା ଟଙ୍କା

କେନ୍ଦୁଝର: ସମଣା ପଂଚାୟତରେ ପ୍ରାୟ ଶହେରୁ ଅଧିକ ମୃତ ବ୍ୟକ୍ତିଙ୍କ ନାମରେ ଉଠୁଛି ଭତ୍ତା ଟଙ୍କା । ଏପରି ଏକ ଅଭିଯୋଗ ଆଣିଛନ୍ତି ଉକ୍ତ ପଂଚାୟତର କୋଇଲି ନାୟକ(୬୨) । ତାଙ୍କ ସ୍ୱାମୀ ସାଉଁଟି ନାୟକ ଦୁଇବର୍ଷ ହେବ ମୃତ୍ୟୁବରଣ କରିଛନ୍ତି । କୋଇଲି ନାୟକଙ୍କ ପରିବାରର ଆର୍ଥିକ ଅବସ୍ଥା ଭଲ ନଥିବାରୁ ସେ ଭତ୍ତା ପାଇଁ ଆବେଦନ କରିଥିଲେ । ଏଥିପାଇଁ ସେ ବହୁବାର କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ । କୌଣସି ସୁଫଳ ନମିଳିବାରୁ ବାଧ ହୋଇ ନିରବ ରହିଥିଲେ । କୋଇଲିଙ୍କୁ ସ୍ଥାନୀୟ ଜିଆରଏସ୍ ଭତ୍ତା ବାବଦକୁ ଦୁଇ ହଜାର ଟଙ୍କା ପ୍ରଦାନ କରିଥିଲେ । ଦୁଇବର୍ଷ ତଳୁ ଆବେଦନ କରିଥିବା ଭତ୍ତା ଫର୍ମ ବାବଦକୁ ଦୁଇହଜାର ଟଙ୍କା ଦେବା ବୃଦ୍ଧା କୋଇଲିଙ୍କ ମନରେ ସନ୍ଦେହ ଆସିଥିଲା । ଗ୍ରାମବାସୀଙ୍କ ମିଳିତ ସହଯୋଗରେ ନନ୍ଦପୁର ଉପଜିଲ୍ଲାପାଳଙ୍କ ନିକଟରେ ତଦନ୍ତ ଅଭିଯୋଗ ମଧ୍ୟ କରିଥିଲେ । ପରେ ଗ୍ରାମବାସୀ ପିଡିଏଫ୍ ଫାଇଲ୍ ଅନୁକରଣରେ ଶହେରୁ ଅଧିକ ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ଟଙ୍କା ଉଠାଯାଉଥିବା ପ୍ରମାଣ ପାଇଥିଲେ । ଏଥିପାଇଁ ଗ୍ରାମବାସୀମାନେ ଭିଜିଲାନ୍ସ ତଦନ୍ତ ପାଇଁ ଆବେଦନ ମଧ୍ୟ କରିଥିଲେ ।

# ଓଏମ୍‌ସି ଖଣି ଅଞ୍ଚଳରେ ସ୍ୱାସ୍ଥ୍ୟ ସୁବିଧାରେ ଉନ୍ନତି ପାଇଁ ଆମ୍ବୁଲାନ୍ସ ଲୋକାର୍ପିତ




କେନ୍ଦୁଝର:(ପି.ଏନ୍.):ବାଂଶପାଳ ବ୍ଲକ ଶୁଆକାଟୀସ୍ଥିତ ଓଡିଶା ଖଣି ନିଗମ ଗନ୍ଧମାର୍ଦ୍ଦନ ଲୌହ ଖଣି ପକ୍ଷରୁ ସୋମବାର ଦିନ ଖଣି ପାରିପାର୍ଶିକ ଗାଁ ଲୋକଙ୍କ ପାଇଁ ନୂତନ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଛି । ମୁଖ୍ୟ ଅତିଥିଭାବେ ଓଏମ୍‌ସି ର ଡିଜିଏମ୍ ଇଲେକ୍ଟ୍ରିକାଲ ରଶ୍ମୀରନ ପରିଡା ନୂତନ ଆମ୍ବୁଲାନ୍ସ ଲୋକାର୍ପଣ କରିଛନ୍ତି । ଓଏମ୍‌ସି ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ପରିଡା ଆମ୍ବୁଲାନ୍ସ ଲୋକାର୍ପଣ କରି ଏହା ଦ୍ୱାରା ଖଣି ପାରିପାର୍ଶିକ ଶୁଆକାଟୀ,ତଳକଇଁସାରୀ ଏବଂ କୁମୁଣ୍ଡି ପଞ୍ଚାୟତବାସୀଙ୍କ ସ୍ୱାସ୍ଥ୍ୟ ସେବାର ଉନ୍ନତି କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ ବୋଲି କହିଛନ୍ତି । ଆମ୍ବୁଲାନ୍ସରେ ବେସିକ ଲାଇଫ୍ ସେଭିଂ ବ୍ୟବସ୍ଥା ରହିଛି ଯେଉଁଥିରେ ଭେଣ୍ଟିଲେଟର ଓ ଅକ୍ସିଜେନ ସପୋର୍ଟ ଉପଲବ୍ଧ ଅଛି । ଏହି ଆମ୍ବୁଲାନ୍ସ ମାଧ୍ୟମରେ ରୋଗୀମାନଙ୍କ ପାଇଁ ଉତ୍ତମ ସୁବିଧା ଯୋଗାଇ ଦିଆଯାଇପାରିବ । ଡାକ୍ତରଙ୍କ ପରାମର୍ଶକ୍ରମେ ଗୁରୁତର ରୋଗୀଙ୍କୁ ଏହି ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯିବ ବୋଲି ଅନ୍ୟତମ ଅତିଥି ସିନିୟର ମ୍ୟାନେଜର ମାଇନିଂ ଜ୍ଞାନରନ ଜେନା କହିଛନ୍ତି । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ସାବିତ୍ରୀବାଳା ମୁଣ୍ଡା,କୁମୁଣ୍ଡି ସରପଞ୍ଚ ସୁକାନ୍ତି ଦେହୁରୀ,ତଳକଇଁସାରୀ ସରପଞ୍ଚ ଚୈତନ୍ୟ ମଲ୍ଲିକ,ସିଏସଆର ଅଫିସର ଶକ୍ତି ରନ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ନୂତନ ଆମ୍ବୁଲାନ୍ସ ସାଧାରଣ ସ୍ୱାସ୍ଥ୍ୟ ସେବାରେ ନିୟୋଜିତ ହୋଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି ।

# ଶାଳପଡା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ନାମରେ ଥାନାରେ ଏତଲା ଦାଖଲ

କେନ୍ଦୁଝର: ଶାଳପଡା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟବ୍ରତ ସାମଲଙ୍କ ନାମରେ ସ୍ଥାନୀୟ ଶାଳପଡା ନିବାସୀ କୃଷ୍ଣଚନ୍ଦ୍ର ବେଜ୍ ଘଷିପୁରା ଥାନାରେ ଏକ ମାମଲା ରୁଜୁ କରିଛନ୍ତି । ଅଭିଯୋଗକାରୀଙ୍କ ସୂଚନା ଅନୁଯାୟୀ କୃଷ୍ଣଚନ୍ଦ୍ର ବେଜ ୧୯୯୨ ମସିହା ଠାରୁ ଶାଳପଡାରେ ବସବାସ କରି ନିଜର କୌଳିକ ବୃତ୍ତି କରି ପରିବାରର ଭରଣପୋଷଣ କରିଆସୁଛନ୍ତି । ମାତ୍ର ବିଭିନ୍ନ ସମୟରେ ଉକ୍ତ ସ୍କୁଲର ଅଧ୍ୟକ୍ଷ ଶ୍ରୀ ସାମଲ କୃଷ୍ଣଚନ୍ଦ୍ର ରହୁଥିବା ଘର ଏବଂ ଲଗାଇ ଥିବା ଗଛଲତା ତାଙ୍କର ବୋଲି କହି ଖରାପ ବ୍ୟବହାର ପ୍ରଦର୍ଶନ କରି ଆସୁଛନ୍ତି ଏବଂ ଖୁବ୍‌ଶୀଘ୍ର ଏ ଜାଗା ଛାଡି ଚାଲି ଯିବାକୁ ଧମକ ଦେଇଥାନ୍ତି । ଗତ ତା-୨୯.୦୭.୨୦୨୧ରିଖ ଦିବା ୧୨ଘଟିକା ସମୟରେ କୃଷ୍ଣଚନ୍ଦ୍ର ନିଜ ଘରକୁ ଫେରିବା ବାଟରେ ବିଦ୍ୟାଳୟର ଅଧ୍ୟକ୍ଷ ଓ ତାଙ୍କ ସାଥିରେ ଥିବା ଅନ୍ୟ ୪ଜଣ ବିଦ୍ୟାଳୟ ସମ୍ମୁଖରେ ଅଟକାଇ ପୂର୍ବ ଭଳି ଖରାପ ବ୍ୟବହାର ପ୍ରଦର୍ଶନ କରିବା ସହ ଧମକ ଚମକ ଦେଇଥିଲେ । ଏଥିରେ ଭୟଭୀତ ହୋଇ କୃଷ୍ଣଚନ୍ଦ୍ର ବେଜ ସ୍ଥାନୀୟ ଘଷିପୁରା ଥାନାରେ ଏକ ମାମଲା ରୁଜୁ କରିଛନ୍ତି । ସୂଚନାଯୋଗ୍ୟ ଯେ ନିକଟରେ ବିଦ୍ୟାଳୟ ଦ୍ୱାରା କବ୍‌ଜା କରାଯାଇଥିବା ଜମି ସୀମା ନିର୍ଦ୍ଧାରଣକୁ ନେଇ ସ୍ଥାନୀୟ ଜନସାଧାରଣ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ ଏବଂ ସମାଜସେବୀ ଶମ୍ଭୁନାଥ ରାଉତ ଏବଂ ମା'ଧନେଇ ସେବା ସଂଘର ସଭାପତି ବିଷ୍ଣୁ ଚରଣ ବାରିକଙ୍କ ଦାବିକୁ ନେଇ ଉପଜିଲ୍ଲାପାଳ ଓ ଅତିରିକ୍ତ ତହସିଲଦାରଙ୍କ ସରଜମିନ୍ ତଦନ୍ତ କରାଯାଇଥିଲା । ଏପରି ସ୍ଥଳେ କୃଷ୍ଣଚନ୍ଦ୍ରଙ୍କ ଅଭିଯୋଗର ସତ୍ୟାସତ୍ୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।

# ସାମସଙ୍ଗର ନୂଆ "ବ୍ୟାକ ଟୁ ବିଜ୍‌ନେସ୍ ସଲ୍ୟୁସନ"

ଭୁବନେଶ୍ୱର: ସାମସଙ୍ଗ ପକ୍ଷରୁ ରିଟେଲ ଓ କମର୍ସିଆଲ ସଂସ୍ଥାଗୁଡ଼ିକ ପାଇଁ "ବ୍ୟାକ୍ ଟୁ ବିଜନେସ" ସଲ୍ୟୁସନର ଶୁଭାରମ୍ଭ କରାଯାଇଛି । ଏହି ନୂତନ ସମାଧାନରେ ଆଉଟଡୋର ଡିସପ୍ଲେ ଓ ଭିଡିଓ କନଫରେନ୍ସିଙ୍ଗ ସମାଧାନ ଅନ୍ତର୍ଭୁକ୍ତ, ଯାହା ସାହାଯ୍ୟରେ ବ୍ୟବସାୟୀମାନେ ନିଜର ସ୍ୱାଭାବିକ କାର୍ଯ୍ୟକୁ ପୁଣିଥରେ ସୁରକ୍ଷିତ ଭାବରେ ଆରମ୍ଭ କରିପାରିବେ । ଏହା ସହିତ ସୁରକ୍ଷାତ୍ମକ ପଦକ୍ଷେପ ଗ୍ରହଣ କରାଯିବା ସହିତ କାର୍ଯ୍ୟ ସ୍ଥଳରେ ଦୂରରେ ବସି କାର୍ଯ୍ୟ କରିବା ଆବଶ୍ୟକତାକୁ ପୂରଣ କରାଯାଇପାରିବ । ଏହି ନୂତନ ରେଂଜର ଆଉଟଡୋର ଡିସପ୍ଲେ ଓ ସାଇନେଜ ବୋର୍ଡକୁ ବ୍ୟବସାୟୀଙ୍କ ଦ୍ୱାରା ବ୍ୟବହାର କରାଯାଇପାରିବ । ଏହା ସହାୟତାରେ ଜନଗହଳି ଅନୁଧ୍ୟାନ, ଶରୀର ତାପମାତ୍ରା ଯାଂଚ ଓ ମାସ୍କ ଚିହ୍ନଟ ତଥା ସେହି ଦିନର ଅଫରକୁ ଓ କର୍ପୋରେଟ ମେସେଜକୁ ଉପସ୍ଥାପିତ କରାଯାଇପାରିବ । ଏହା ସାମାଜିକ ଦୂରତାର ସମସ୍ତ ନିୟମଗୁଡ଼ିକୁ ପାଳନ କରାଯାଉଛି ନା ନାହିଁ ତାହା ସୁନିଶ୍ଚିତ କରିଥାଏ । ବାଧାହୀନ ଅନ୍‌ଲାଇନ ବାର୍ତାଳାପ ଓ ଯେକୌଣସି ସ୍ଥାନରୁ ଦକ୍ଷତା ଓ ସହଜରେ କାର୍ଯ୍ୟ କରିବାକୁ ସୁନିଶ୍ଚିତ କରିବା ଲାଗି ମିଟିଙ୍ଗ ରୁମ ଏବଂ ଭିଡିଓ କନଫରେନ୍ସିଙ୍ଗ ସମାଧାନ ଯୋଗାଇଦେବା ପାଇଁ ସାମସଙ୍ଗ, ସିସ୍କୋ



ୱେବେକ୍ସ ଓ ଲଜିଟେକ୍ ସହିତ ହାତ ମିଳାଇଛି । ଏହା ସାହାଯ୍ୟରେ ଦୂରରେ ବସି କାମ କରିବାର ଆବଶ୍ୟକତାକୁ ଦେଖି ସାମସଙ୍ଗର ବେଜୋଡ଼ ଭିଜୁଆଲ ଡିସପ୍ଲେ ଏବଂ ଉନ୍ନତ ଭିଡିଓ କନଫରେନ୍ସିଙ୍ଗ କୁ ଏକତ୍ର ଅଣାଯାଇଛି । ଏହି ସହବନ୍ଧିତା ସିସ୍କୋ ୱେବେକ୍ସ ଏବଂ ଲଜିଟେକ୍ ଦ୍ୱାରା ପ୍ରସ୍ତୁତ ଭିଡିଓ କନଫରେନ୍ସିଙ୍ଗ ସମାଧାନଗୁଡ଼ିକର ବିସ୍ତୃତ ରେଂଜ ସହିତ ଡିଜିଟାଲ ସାଇନ୍‌ଏଜ୍ ଏବଂ ଡେସ୍କଟପ୍ ମନିଟର ସମେତ ଶିଳ୍ପର ସବୁଠାରୁ ବ୍ୟାପକ ଡିସପ୍ଲେ ଶୃଙ୍ଖଳକୁ ଏକତ୍ର ନେଇଆସିଛି । ସାମସଙ୍ଗର ୨୦୨୦ ଡିସପ୍ଲେ ଶୃଙ୍ଖଳର ସମ୍ପୂର୍ଣ୍ଣ ରେଞ୍ଜରେ ଏହି ସମାଧାନଗୁଡ଼ିକ ବ୍ୟବହାର କରାଯାଇପାରିବ । "ବର୍ତମାନ ସମୟରେ ପରିବର୍ତିତ ବ୍ୟବସାୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆମର ନୂତନ ସମାଧାନକୁ ଏଭଳି ଭାବରେ ଡିଜାଇନ କରାଯାଇଛି ଯାହା ଉତ୍ପାଦକତା ବୃଦ୍ଧି କରିବ, ସହଯୋଗ ବୃଦ୍ଧି କରିବା ସହିତ ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକୁ ସେମାନଙ୍କ ଗ୍ରାହକଙ୍କ ସହିତ ଉପଯୁକ୍ତ ସତର୍କତା ସହିତ ସଂଯୁକ୍ତ ହୋଇପାରିବେ" ବୋଲି ସାମସଙ୍ଗ ଇଣ୍ଡିଆର କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ଏଂଟରପ୍ରାଇଜ ବିଜନେସର ଉପାଧ୍ୟକ୍ଷ ଶ୍ରୀ ପୁନିତ ସେଠ କହିଛନ୍ତି ।




# ପାବନା ଆଶ୍ରମରେ ଶ୍ରୀ ଶ୍ରୀ ଠାକୁରଙ୍କ ଦିବ୍ୟଲୀଳା



ସେତେବେଳେ ଅଳ୍ପ ଅଳ୍ପ ଶୀତ ଅଛି। ପଦ୍ମାନଦୀର ପାଣି କମିଯାଇଛି। ସମ୍ମୁଖରେ ବିସ୍ତୀର୍ଣ୍ଣ ଚର ପଡ଼ିଛି। ଦୁଇଟି ଚକୁଆ-ଚକୋଇ ପଦ୍ମାର ଚର ଉପର ଦେଇ ଉଡିଯାଉଥିଲେ। ଅତର୍କିତ ଭାବରେ ଗୋଟିଏ ଶିକାରୀ ପକ୍ଷୀ ଦୁଇଟିକୁ ଲକ୍ଷ୍ୟ କରି ଗୁଳି ଛାଡ଼ିଲା। ଗୁଳି ଡେଣାରେ ବାଜିଲେ ମଧ୍ୟ ପକ୍ଷୀ ଦୁଇଟି ଉଡିଯାଇ ଚରର ଗୋଟିଏ ଜାଗାରେ ବସିଲେ। ସେତେବେଳେ ଶ୍ରୀ ଶ୍ରୀ ଠାକୁର ଆଶ୍ରମ ପ୍ରାଙ୍ଗଣର କୁଟୀର ବାରଣ୍ଡାରେ ଥିଲେ। ଗୁଳି ଶବ୍ଦ ଶୁଣି ସେ କହି ଉଠିଲେ, ହାୟ ! ପକ୍ଷୀ ଦୁଇଟିକୁ ମାରିଲା ବୋଧହୁଏ। ମୁଁ ଏପରି ଅସହାୟ ! ମୁଁ କ'ଣ କରିପାରିବି ? - ଏୟା କହି କୁଟୀରରୁ ତଳକୁ ଓହ୍ଲେଇ ଆସି ବନ୍ଧ କଡ଼େ କଡ଼େ ଆଗେଇ ଆସିଲେ ଏବଂ ଚର ଆଡ଼କୁ ଚାହିଁ ବ୍ୟାକୁଳ ଭାବେ ଦଉଡାଦଉଡି କରିବାକୁ ଲାଗିଲେ। ଏହା ମଧ୍ୟରେ ପକ୍ଷୀ ଦୁଇଟି ପ୍ରତି ସେଇ ଶିକାରୀ ଦ୍ୱିତୀୟବାର ଗୁଳି ଛାଡ଼ିଲା। ଏଥିରେ ଶ୍ରୀ ଶ୍ରୀ ଠାକୁର ଅତ୍ୟନ୍ତ ଶୋକାର୍ତ୍ତ ହୋଇ 'ହାୟ, ହାୟ ପକ୍ଷୀ ଦୁଇଟି ମଲେ।' କହି ଆର୍ତ୍ତନାଦ କରି ଉଠିଲେ। ତାଙ୍କ ନିଜ ବକ୍ଷରେ ଯେପରି ଗୁଳିବିଦ୍ଧ ହୋଇଛି ଏହିପରି ଅନୁଭବ କରି ତୀବ୍ର ଯନ୍ତ୍ରଣାରେ ଛଟପଟ ହୋଇ ମାଟିରେ ପଡ଼ି ଆହା ଉହୁ କରିବାକୁ ଲାଗିଲେ। ତାଙ୍କର ଏଇ ଯନ୍ତ୍ରଣା ଦେଖି ଉପସ୍ଥିତ କେହି ହେଲେ ଅଶ୍ରୁ ସମ୍ବରଣ କରିପାରିଲେ ନାହିଁ। ସର୍ବଜୀବ ସହିତ ଏକାତ୍ମତା ଶ୍ରୀ ଶ୍ରୀ ଠାକୁରଙ୍କ ଧାରଣାରେ ଏପରି ସୁପ୍ରତିଷ୍ଠିତ ଯେ ତାଙ୍କ ସମ୍ମୁଖରେ କୌଣସି ପ୍ରାଣୀକୁ ଆଘାତ କଲେ ସେଇ ଆଘାତର ଚିହ୍ନ ତାଙ୍କ ଶରୀରରେ ପରିସ୍ଫୁଟ ହୋଇ ଦେଖାଯାଇଛି। ଏଇ ଘଟଣାଟି ଘଟିଥିଲା ମୁଁ ଶ୍ରୀ ଶ୍ରୀ ଠାକୁରଙ୍କ ସଂସ୍ପର୍ଶରେ ଆସିବାର ଅବ୍ୟବହିତ ପୂର୍ବେ। ଦିନେ ସେ ଘୋଡ଼ା ଗାଡ଼ିରେ ବସି କୁଷ୍ଟିୟାକୁ ବାରାଦି ଗାଁକୁ ଡାକ୍ତର ଗୋପେନ୍ଦ୍ରଚନ୍ଦ୍ର ସାହାଙ୍କ ଘରକୁ ଯାଉଥିଲେ। ଘୋଡ଼ାଗାଡ଼ିରେ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ଚାରିଜଣ ଆରୋହୀ ଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଡାକ୍ତର ସତୀଶଚନ୍ଦ୍ର ଜୋୟାରଦାର, ବୀରେନ୍ଦ୍ରନାଥ ରାୟ (ମୁକ୍ତାର) ଓ ଡାକ୍ତର ଗୋକୁଳଚନ୍ଦ୍ର ମଣ୍ଡଳ। ଘୋଡ଼ାଟି ଥିଲା ଅପେକ୍ଷାକୃତ ଦୁର୍ବଳ। ତେଣୁ ଶୀଘ୍ର ଚାଲି ନପାରିବାରୁ କୋଚମ୍ୟାନ ପାଏଁ ପାଏଁ ତିନି ପାହାର ଚାବୁକା ମାରେ ଘୋଡ଼ା ପିଠିରେ। ଚାବୁକ ମାରିବା ମାତ୍ରେ ହିଁ ଶ୍ରୀ ଶ୍ରୀ ଠାକୁର ଗାଡ଼ିରୁ ଓହ୍ଲେଇ ପଡ଼ିଲେ ଏବଂ ଘୋଡ଼ାର ଖୁବ୍ କଷ୍ଟ ହେଉଛି - ଆସନ୍ତୁ ଆମେ ଚାଲି ଚାଲି ଯିବା। ଏହା କହି ସମସ୍ତଙ୍କୁ ଗାଡ଼ିରୁ ଓହ୍ଲେଇ ପଡ଼ିବାକୁ କହିଲେ। ତାପରେ ଘୋଡ଼ାଗାଡ଼ିଟିକୁ ବିଦାୟ ଦେଇ ସେମାନେ ଚାଲି ଚାଲି ବାରାଦି ଗାଁରେ ପହଞ୍ଚିଲେ। ସେଠାରେ ଯାଇ କିଛି ସମୟ ବିଶ୍ରାମ ନେଇ ଶ୍ରୀ ଶ୍ରୀ ଠାକୁର ହାତମୁହଁ ଧୋଇ ଦେହରୁ ଜାମା ଓ ଚାଦର ଖୋଲି ଶଯ୍ୟାରେ ବିଶ୍ରାମ କରିବାକୁ ଲାଗିଲେ। ତାଙ୍କର ଜଣେ ସଙ୍ଗୀ ତାଙ୍କର ପଦସେବା କରୁ କରୁ ତାଙ୍କ ପିଠିରେ ଚାବୁକ ପାହାରର ତିନୋଟି ଆଘାତର ଚିହ୍ନ ଦେଖି ଚମକିତ ହୋଇ କହିଉଠିଲେ - ଇଏ କ'ଣ ! ଆପଣଙ୍କ ପିଠିରେ ତିନୋଟି ଚାବୁକ ମାଡ଼ର ଦାଗ ଆସିଲା କିପରି ? ଶ୍ରୀ ଶ୍ରୀ ଠାକୁର ପ୍ରଥମେ ନୀରବ ରହିଲେ। ଯେତେବେଳେ ସେଇ ସଙ୍ଗୀଟି ବାରମ୍ବାର ଏ ବିଷୟରେ ପ୍ରଶ୍ନ କରିବାକୁ ଲାଗିଲେ ସେତେବେଳେ ସେ ଧୀର ଭାବରେ କହିଲେ- ଯେତେବେଳେ ଗାଡ଼ିରେ ବସି ଆସୁଥିଲି, ସେତେବେଳେ କୋଚମ୍ୟାନ ଘୋଡାଟାକୁ ପାଏଁ ପାଏଁ କରି ତିନିଟା ଚାବୁକ ମାରିଥିଲା। ତାହା ମୋତେ ବଡ଼ କଷ୍ଟ ଦେଇଥିଲା। ତେଣୁ ସେମିତି ଦାଗ ହୋଇଥିବ ବୋଧହୁଏ। ସଙ୍ଗୀଟି ସେତେବେଳେ ଆଶ୍ଚାର୍ଯ୍ୟାନ୍ୱିତ ହୋଇ ପ୍ରଶ୍ନ କରିଥିଲେ - ଘୋଡ଼ାକୁ ଚାବୁକ ମାରିଲେ ଘୋଡ଼ା ପିଠିରେ ଦାଗ ବସିଯାଇପାରେ, ସେ କଥା ବୁଝିପାରୁଛି। କିନ୍ତୁ ସେଇ ଦାଗ ଆପଣଙ୍କ ଦେହରେ କିପରି ସୃଷ୍ଟି ହେଲା, ତାହା ତ ବୁଝିପାରୁନାହିଁ। ସେତେବେଳେ ସେ କହିଲେ - ଘୋଡ଼ାର କଷ୍ଟଟା ଠିକ୍ ନିଜର କଷ୍ଟ ବୋଲି ଅନୁଭବ କରିଥିଲି ବୋଲି ସମ୍ଭବତଃ ନିଜ ଦେହରେ ସେଇପରି ଚିହ୍ନ ବସିଯାଇଥିବ। ଏହି କଥାଟି ଯେତେବେଳେ ସେଇ ସଙ୍ଗୀଟିର ନିଜ ମୁହଁରୁ ଶୁଣିଥିଲି ସେତେବେଳେ ମୁଁ ନିଜେ ବି ବିଶ୍ୱାସ ସ୍ଥାପନ କରିପାରିନି। କାରଣ, ଏପରି ଘଟଣାର ବାସ୍ତବ ଅଭିଜ୍ଞତା



ମୋର ନଥିଲା। ସେତେବେଳେ ଶ୍ରୀ ଶ୍ରୀ ଠାକୁରଙ୍କର ଆଉ ଦୁଇଜଣ ସହଯାତ୍ରୀଙ୍କୁ ଏବଂ ବାରାଦିର ଡାକ୍ତର ଗୋପେନ୍‌ବାବୁ - ଯାହାଙ୍କ ଘରକୁ ଏମାନେ ଯାଇଥିଲେ - ସେମାନଙ୍କୁ ଅଲଗା ଅଲଗା ଭାବେ ଏହି ବିଷୟରେ ପଚାରିଲି। ସେ ତିନିଜଣ ଯାକ ସମସ୍ତେ କହିଲେ ଯେ ଶ୍ରୀ ଶ୍ରୀ ଠାକୁରଙ୍କ ପିଠିରେ ତିନିଟି ଚାବୁକ୍‌ର ଦାଗ ସେମାନେ ଦେଖିଛନ୍ତି - ଏ କଥା ଧ୍ରୁବ ସତ୍ୟ। କିନ୍ତୁ ଘୋଡ଼ାକୁ ମାରିବା ଚାବୁକର ଦାଗ ଶ୍ରୀ ଶ୍ରୀ ଠାକୁରଙ୍କ ପିଠିରେ ପ୍ରକଟ ହେଲା କିପରି - ଏକଥା ସେମାନଙ୍କ ବୁଦ୍ଧିର ଅଗମ୍ୟ ବା ଏଭଳି ଘଟଣାର ନଜିର କେଉଁଠି ହେଲେ ଅଛି କି ନା ତାହା ସେମାନେ କହିବାକୁ ଅକ୍ଷମ। ମୁଁ ସେତେବେଳେ ସେମାନଙ୍କୁ କହିଥିଲି ଯେ ଏପରି ଘଟଣା ନିଜେ ନ ଦେଖିଲେ ମଧ୍ୟ ପୃଥିବୀ ଇତିହାସରେ ଏପରି ନଜିର ଅଛି। କଥିତ ଅଛି ଯେ ଭଗବାନ ରାମକୃଷ୍ଣ ଦେବ ଯେତେବେଳେ ସ୍ତ୍ରୀଭାବେ ସାଧନା କରୁଥିଲେ ସେତେବେଳେ ତାଙ୍କର ପୁରୁଷ ଦେହରେ ସ୍ତ୍ରୀଅଙ୍ଗର ସମସ୍ତ ଲକ୍ଷଣ ପ୍ରକାଶିତ ହୋଇଥିଲା। ବାରାଦି ଗ୍ରାମର ଉକ୍ତ ଘଟଣା ସଂଘଟିତ ହେବା ପୂର୍ବରୁ ଅନୁରୂପ ଆଉ ଗୋଟିଏ ଘଟଣା ଘଟେ ହିମାଇତପୁରେ। ଶ୍ରୀ ଶ୍ରୀ ଠାକୁର କିଶୋରୀମୋହନ ଦାସଙ୍କ ହିମାଇତପୁର ଶ୍ମଶାନର କଡ଼ ଦେଇ ଯାଉଥିଲେ। ଗୋଟାଏ ଗୋରୁ ସେଠାରେ ଦଉଡିରେ ବନ୍ଧା ହୋଇଥିଲା। ଗୋରୁଟା ଚରୁ ଚରୁ ବେକରେ ଦଉଡି ଲାଗିଥିବା ଅବସ୍ଥାରେ ପଦ୍ମାନଦୀର ପଠାରୁ ତଳକୁ ପଡ଼ିଯାଏ ଏବଂ ଦଉଡିରେ ନଟକି ରହିଥାଏ ଆଉ ପ୍ରାଣପଣେ ଡାକ ଛାଡୁଥାଏ। ତାର ଏଇ ଆର୍ତ୍ତନାଦ ଶୁଣି କିଶୋରୀଦା ଓ ଶ୍ରୀ ଶ୍ରୀ ଠାକୁର ଦୌଡ଼ିଯାଇ ଗୋରୁଟାକୁ ଏଇ ଅବସ୍ଥାରେ ଦେଖନ୍ତି। ଶ୍ରୀ ଶ୍ରୀ ଠାକୁରଙ୍କ ଇଙ୍ଗିତରେ କିଶୋରୀଦା ତଡ଼ିତ ବେଗରେ ଲମ୍ଫଦେଇ ତଳେ ପଡ଼ିଲେ ଓ ଗୋରୁଟାର ପଛରୁ ଧରି ଖୁବ୍ ଜୋରରେ ଉପରକୁ ଠେଲୁଥାନ୍ତି ଆଉ ଶ୍ରୀ ଶ୍ରୀ ଠାକୁର ଉପରୁ ସେଇ ଦଉଡି ଧରି ଟାଣୁଥାନ୍ତି। ଏହିପରି କରି ଅତି କଷ୍ଟରେ ଗୋରୁଟାକୁ ଉପରକୁ ଟେକାହୁଏ। ଖୁବ୍ ଜୋରରେ ଦଉଡି ଭିଡ଼ି ହୋଇଯାଇଥିବାରୁ ଗୋରୁଟିର ବେକରେ ଦଉଡିର ଦାଗର ଚିହ୍ନ ସ୍ପଷ୍ଟ ଦେଖାଯାଏ। ଗୋରୁଟାକୁ ଏହିପରି ଭାବେ ମରଣ ହାତରୁ ରକ୍ଷା କରିବା ପରେ କିଶୋରୀଦାଙ୍କର ଅଲକ୍ଷ୍ୟରେ ଶ୍ରୀ ଶ୍ରୀ ଠାକୁର ଲୁଗାର ଖୋସାଣି ଖୋଲି ସଙ୍ଗେ ସଙ୍ଗେ ନିଜ ବେକରେ ଗୁଡ଼ାଇଲେ ଏବଂ ଦୁହେଁ ଆଶ୍ରମକୁ ଫେରିଆସିଲେ। ଆଶ୍ରମକୁ ଫେରିଆସି ଶ୍ରୀ ଶ୍ରୀ ଠାକୁର ବେକରେ ଗୁଡ଼ାଇଥିବା ଲୁଗା ଖୋଲିବା ମାତ୍ରେ କିଶୋରୀଦା ଦେଖିପାରିଲେ - ବେକରେ ଦଉଡି ଦେଇ ଜୋର କରି ବାନ୍ଧିଲେ ଯେପରି ଚିହ୍ନ ପଡ଼ିଯାଏ ଶ୍ରୀ ଶ୍ରୀ ଠାକୁରଙ୍କ ବେକରେ ଅନୁରୂପ ଚିହ୍ନ ପ୍ରକାଶ ପାଉଛି। ସେ ସେତେବେଳେ ଶ୍ରୀ ଶ୍ରୀ ଠାକୁରଙ୍କୁ ପଚାରିଲେ ଆପଣଙ୍କ ବେକରେ ଏପରି ଦାଗ ଆଗରୁ ତ କେବେ ଦେଖିନି। ଏ ଦାଗ ଆସିଲା କେଉଁଠୁ ? ଶ୍ରୀ ଶ୍ରୀ ଠାକୁର - ଗୋରୁଟାର ବେକରେ ଖୁବ୍ ଜୋରରେ ଦଉଡି ଟଣାର ଦାଗ ପଡ଼ିଯାଇଥିଲା। ତେଣୁ ମୋ ବେକରେ ବି ସେହିପରି ଦାଗ ହୋଇଛି। କିଶୋରୀଦା ଶ୍ରୀ ଶ୍ରୀ ଠାକୁରଙ୍କ ପାଖରୁ ଏଇ କଥା ଶୁଣି ହତଭମ୍ଭ ହୋଇଗଲେ। ଭାବିବାକୁ ଲାଗିଲେ - ଏହା କିପରି ସମ୍ଭବ ? ତା ହେଲେ କ'ଣ କହିବାକୁ ହେବ ଯେ ସେ ପ୍ରତ୍ୟେକ ଜୀବର ସତ୍ତା ସହ ଓତଃପ୍ରୋତ ଭାବେ ଜଡ଼ିତ ? ସେମାନଙ୍କର ସୁଖଦୁଃଖ କଣ ନିଜର ସୁଖଦୁଃଖ ବୋଲି ଅନୁଭବ କରନ୍ତି ? ଯିଏ ସମଗ୍ର ବିଶ୍ୱକୁ ସତ୍ୟ-ସତ୍ୟ ଆପଣାର ଅଙ୍ଗ ବୋଲି ଅନୁଭବ କରନ୍ତି ତାଙ୍କ ପକ୍ଷରେ ଏପରି ଅନୁଭବ କରିବା ସମ୍ଭବ। ଏପରି ସର୍ବବ୍ୟାପୀ ପ୍ରେମ ଯାହାଙ୍କର ଭିତରେ ମୂର୍ତ୍ତ ହୋଇଉଠେ ସେ ପ୍ରେମର ମୂର୍ତ୍ତିମାନ ବିଗ୍ରହ, ପ୍ରେମାବତାର। ଜଗତର କଲ୍ୟାଣ ପାଇଁ ଏପରି ମହାମାନବର ଆବିର୍ଭାବ କ୍ୱଚିତ୍ କେବେ କେବେ ହୋଇଥାଏ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର,**
ସହ-ପ୍ରତିରଦ୍ଧିକ ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

## ପରିବାରକୁ ନିଆଁପାଣି ବାଛନ୍ଦ ଅଭିଯୋଗ

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ରାଜନଗର ଥାନା ଅନ୍ତର୍ଗତ ଟାଙ୍ଗରାଟେଲା ଗ୍ରାମର ବନ୍ଧୁ ଚରଣ ସିୟଙ୍କ ପୁଅ ରାଜେଶ କୁମାର ସିୟ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି ଯେ ତାଙ୍କର ଇଜିମାଇଲି ଘରବାରି ବୃତ୍ତିରେ ତାଙ୍କ ଭୋଗଦଖଲରେ ଥିବାବେଳେ ତାହାର କୌଣସି ଭାଗବଣ୍ଟା କିମ୍ବା ସୀମା ନିର୍ଦ୍ଧାରଣ ହୋଇନାହିଁ। ସେଥିପାଇଁ ତାଙ୍କ ପିତା ପଟ୍ଟାମୁଣ୍ଡାଇ ସବ୍‌ଜଜଙ୍କ କୋର୍ଟରେ ସିଏସ ନମ୍ବର-୧୪୨/୨୦୧୯ ଓ ଆଇଏ ୧୪୫/୨୦୧୯ରେ ଆବେଦନ ଦାଖଲ କରିବା ପରେ କୋର୍ଟ ସେହି ଜମି ଉପରେ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ଉଭୟ ପକ୍ଷଙ୍କୁ ଆଦେଶ ଦେଇଛନ୍ତି। କିନ୍ତୁ ଅପରପକ୍ଷ ଜୋରଜବରଦସ୍ତି କୋର୍ଟଙ୍କ ଆଦେଶ ବିରୋଧରେ ସେହି ବିବାଦୀୟ ଜମି ଉପରେ ଆବାସ ଯୋଜନାରେ ଗୃହ ନିର୍ମାଣ କରିବାକୁ ପ୍ରଚେଷ୍ଟା କରୁଥିବା ସମ୍ପର୍କରେ ରାଜେଶ ବର୍ଷେ ହେବ ରାଜନଗର ତହସିଲଦାର, ବିଡିଓ ଏବଂ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଆସୁଛନ୍ତି। ଅନ୍ୟପକ୍ଷରେ ନ୍ୟାୟ ପାଇବାକୁ ବନ୍ଧୁ କୋର୍ଟରେ କେଶ କରିଥିବାରୁ ଅପରପକ୍ଷଙ୍କ ସହ ମିଶି ଗ୍ରାମର କେତେକ ପ୍ରଭାବଶାଳୀ ଲୋକ ବନ୍ଧୁଙ୍କ ପରିବାରକୁ ଗ୍ରାମରେ ନିଆଁପାଣି ବାଛନ୍ଦ କରିଥିବା ସମ୍ପର୍କରେ ରାଜେଶ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ରାଜନଗର ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

## ଘରେ ପହଞ୍ଚିବ ଯୋଗ: ଶିବାନନ୍ଦ ଯୋଗ ବେଦାନ୍ତ ଏକାଡେମୀର ଅଭିନବ ପ୍ରୟାସ

ଭୁବନେଶ୍ୱର (ପିଏନ୍): ଏଣିକି ଘରେ ପହଞ୍ଚିବ ଯୋଗ। ଘରକୁ ଘର ବୁଲି ଯୋଗ ଶିଖାଇବେ ଅଭିଜ୍ଞ ତାଲିମପ୍ରାପ୍ତ ଯୋଗ ଶିକ୍ଷକ। ଯୋଗ ଶିକ୍ଷାର ମହତ୍ୱ ଏହାର ଉପକାରିତାକୁ ବ୍ୟାପକ ରୂପେ ପ୍ରଚାର, ପ୍ରସାର ଓ ଲୋକାଭିମୁଖୀ କରିବା ପାଇଁ ଶିବାନନ୍ଦ ଯୋଗ ବେଦାନ୍ତ ଏକାଡେମୀ ଏହି ଅଭିନବ ପ୍ରୟାସର ଶୁଭାରମ୍ଭ କରିଛି। ଅନେକ କ୍ଷେତ୍ରରେ ଦେଖିବାକୁ ମିଳେ ଯେଉଁଠି ରୋଗୀ ନିଜର ରୋଗ ଉପଶମ ପାଇଁ ଡ଼ାକ୍ତରଙ୍କ ପାଖରେ ହେଉ କି ସୁପର ସ୍ପେସିଆଲିଷ୍ଟ ହସ୍ପିଟାଲରେ ହେଉ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ସର୍ବସ୍ୱାନ୍ତ ହୋଇ ରୋଗ ଭଲ ହୋଇନଥାଏ। ମନେରଖିବା ଉଚିତ୍ ଯୋଗ ଏକମାତ୍ର ସାଧନ ଯାହା ଦ୍ୱାରା ଅନେକ ଦୂରାରୋଗ୍ୟକୁ ସାଧ୍ୟ କରାଯିବାର ଦୃଷ୍ଟାନ୍ତ ରହିଛି। ପୁରାଣ ପୃଷ୍ଠାରୁ ଜଣାପଡ଼େ ଅତୀତରେ ମୁନିଋଷିମାନେ ଯୋଗ ଦ୍ୱାରା ଦୀର୍ଘାୟୁପ୍ରାପ୍ତି ଓ ସୁସ୍ଥ ଜୀବନ ଜୀଇଁବାର ସୂତ୍ର ପାଇବାର ଅନେକ ଦୃଷ୍ଟାନ୍ତ ରହିଛି। ସମ୍ପ୍ରତି ଯୋଗ ପ୍ରତି ଧୀରେ ଧୀରେ ଲୋକମାନଙ୍କ ଆଦର ବଢୁଥିଲେ ମଧ୍ୟ ଅଭିଜ୍ଞ, ତାଲିମପ୍ରାପ୍ତ ଯୋଗ ଶିକ୍ଷକ ମାନଙ୍କର ଯଥେଷ୍ଟ ଅଭାବ ଆମ ରାଜ୍ୟରେ ରହିଛି। ଯୋଗ ଶିକ୍ଷକ ସୃଷ୍ଟି ଦିଗରେ ଶିବାନନ୍ଦ ବେଦାନ୍ତ ଏକାଡ଼େମୀ ରାଜ୍ୟର ଏକ ଅଗ୍ରଣୀ ଓ ପ୍ରମୁଖ ଶିକ୍ଷାନୁଷ୍ଠାନ। ଯାହା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ। ଏବେ ଏକାଡ଼େମୀ ତାଲିମପ୍ରାପ୍ତ ଅଭିଜ୍ଞ ମହିଳା ଓ ପୁରୁଷ ଯୋଗ ଶିକ୍ଷକ ଗଢିବାରେ ଅହରହ ଉଦ୍ୟମ ଜାରି ରଖିଛି। ସମ୍ପ୍ରତି ବାର୍ଦ୍ଧକ୍ୟ ଅବସ୍ଥାରେ ଯୋଗ, ପିଲାମାନଙ୍କ ପାଇଁ ଯୋଗ, ରୋଗ ପାଇଁ ଯୋଗ ଏବଂ ଓଜନ ହ୍ରାସ ପାଇଁ ଯୋଗ ଇତ୍ୟାଦି କ୍ଷେତ୍ରରେ ସେବା ଯୋଗାଇବା ପାଇଁ ଦୈନିକ ଯୋଗ ଶିକ୍ଷା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି ବୋଲି ଏକାଡ଼େମୀର ଅଧ୍ୟାପକ ପ୍ରଫୁଲ୍ଲ କୁମାର ବେହେରା ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି। ଅଧିକ ସୂଚନା ପାଇଁ ଭୁବନେଶ୍ୱର ଗୌତମ ନଗରସ୍ଥିତ ପ୍ଲଟ ନଂ-୧୧୫, ଶିବାନନ୍ଦ ଯୋଗ ବେଦାନ୍ତ ଏକାଡ଼େମୀ ସହ ଯୋଗାଯୋଗ କରିପାରିବେ। ନଚେତ୍ ଏକାଡ଼େମୀର ହେଲ୍ପଲାଇନ ଦୂରଭାଷ ନମ୍ବର ୯୬୯୦୫୭୬୬୩୭, ୯୪୩୭୭୬୪୦୯୫ ସହ ଯୋଗାଯୋଗ ପାଇଁ ଏକାଡ଼େମୀ ପକ୍ଷରୁ ନିବେଦନ କରାଯାଇଛି।

# ମାଳିକା ବଚନରେ ଅଛି...



'ଆଗ ମରିବେ ସୂତ୍ରଧାରୀ, ମଧ୍ୟେ ମରିବେ ବଣିଜାରୀ, ଶେଷେ ମରିବେ କୃଷିକାରୀ।' ସୂତ୍ରଧାରୀଥିବା ବୃତ୍ତିଜିବୀ ବା ମନୁଷ୍ୟମାନେ, ଏଠାରେ ପ୍ରଥମେ ପଇତା ପକାଉଥିବା ବ୍ରାହ୍ମଣ, ଗ୍ରହବିପ୍ର, ଦୀକ୍ଷିତ ବ୍ୟକ୍ତି, ସନ୍ନ୍ୟାସୀଙ୍କୁ ବୁଝାଉଛି। ତନ୍ତୀ, ତୁଳାଭିଣା, ସୂତା ବ୍ୟବସାୟୀଙ୍କୁ ସୂତା ନେଇ ବଞ୍ଚିବା ଦର୍ଶାଉଛି। ଅରଟରେ ସୂତା କାଟି ନଖି ବଳିତା ପ୍ରସ୍ତୁତକାରୀ ଏମାନଙ୍କୁ ବୁଝାଉଛି। ଅରଟ ଚିହ୍ନ କଂଗ୍ରେସ ପାର୍ଟି ପତାକାରେ ଅଛି। ସେ ଦଳ ବଢ଼େଇମାନେ କାଠରେ ଦାଗ ଦେଇ କାଠ କାଟନ୍ତି, ଧାତବ ଚାଦରରେ ବା ଲୁହାଖଣ୍ଡରେ ଚକ ଖଡ଼ି ପେନସିଲର ସୂତାର ଦାଗ ଦେଇ ଗ୍ରାମ୍ୟ କମାର ଲୁହା ବା ଧାତୁଖଣ୍ଡକୁ ବିଚ୍ଛିନ୍ନ କରନ୍ତି। ଏମାନେ ବି ସୂତ୍ରଧର କୁମ୍ଭାର ହାଣ୍ଡି ମାଠିଆଦି ମାଟି ପିଣ୍ଡୁଳାକୁ ଚକ୍ରରେ ଘୁରାଇ ହାତକୌଶଳରେ ତାର ରୂପର ଉପରଭାଗ ପ୍ରସ୍ତୁତ କରି ଏକ ସୂତାରେ ଚକ୍ର ଉପର ମାଟିରୁ ବିଚ୍ଛିନ୍ନ କରନ୍ତି ଅତଏବ ଏବି ସୂତ୍ରଧର ଏମିତି କିଛି ସୂତ୍ରଧାରୀ ପ୍ରତ୍ୟକ୍ଷରେ ରହିଛନ୍ତି। ଭିନ୍ନ ସୂତ୍ରଧାରୀ ହେଲେ ଏକ ସମ୍ଭବନାକୁ ବୃତ୍ତି ରୂପେ ପସନ୍ଦ କରି ଜୀବିକା ଚଳାନ୍ତି। ଏ ମଧ୍ୟରେ ଓକିଲଙ୍କ ପରି ଆଇନଜୀବୀ, ବ୍ୟବହାରଜିବି, ମୋହରିର ମଧ୍ୟସ୍ଥି, ଦଲାଲ, ଖବରକାଗଜରେ ବୃତ୍ତି ଚଳାଉଥିବା ମାସିକ ପାକ୍ଷିକ ସପ୍ତାହି ପତ୍ରିକା ସମ୍ପାଦନକାରୀ ଜ୍ୟୋତିଷୀ, ଗାଡ଼ି ମାଲିକ ଡ୍ରାଇଭର, କଣ୍ଡକ୍ଟର, କ୍ଲିନର, ଗ୍ୟାରେଜ ଏ ସମ୍ବନ୍ଧ ବୃତ୍ତିରେ, ଜୀବିକାଧାରୀ, ଶିକ୍ଷା ଅନୁଷ୍ଠାନ, ଘରୋଇ ଶିକ୍ଷକ, ଏମଧ୍ୟରେ ଆସିବେ ଯେଉଁମାନେ ସୂକ୍ଷ୍ମ ସୂତ୍ରରେ ବଞ୍ଚୁଛନ୍ତି। ସଙ୍ଗୀତଜ୍ଞ ଅପେରା ପାର୍ଟିର ନଟନଟୀ ବାଜାଦାର, ଫିଲମ ଧନ୍ଦା, ନର୍ତ୍ତନ ବିଦ୍ୟାରେ ଜଡ଼ିତ ଏମାନେ ବି ସୂକ୍ଷ୍ମ ସୂତ୍ରଧର ଧନ୍ଦାରେ ଜୀବିକା ଚଳାନ୍ତି। ଏସବୁ ସୂତ୍ରଧାରୀ ଧନ୍ଦାରେ ଆସି ତାଙ୍କୁ ଆଗ ନାଶ ଦିଗକୁ ଭିଡ଼ିବ। ତନ୍ତୀଙ୍କର ସୂତା ନ ହେଲେ ବୃତ୍ତିନାହିଁ। କାଳକ୍ରମେ ବଡ଼ ବଡ଼ କାରଖାନାରେ ଲୁଗା ପ୍ରସ୍ତୁତ ହୋଇ ବଜାରକୁ ସୂତା ଛଡ଼ାଗଲା ନାହିଁ। ଶେଷରେ ସୂତାକଳ, ଲୁଗାକଳ ଚଟକଳ ପରି ସଂସ୍ଥାରେ ବୃତ୍ତି ଧରିବା ଲୋକେ କାରଖାନାର କଳ ବନ୍ଦ ଯୋଗୁ ବେକାର ହୋଇ ଗୃହାଭିମୁଖୀ ହେଲେ। ଏହି ସୂତ୍ରଧରଙ୍କ କାହାଣୀ ବହୁ ଦୁଃଖଦ। ବାଣିଜ୍ୟକାରୀମାନେ ଅନେକ ବଡ଼ରୁ ଅନେକ ଛୋଟ ଅଛନ୍ତି। ଛୋଟ ବଣିଜଙ୍କର ଆସ୍ଥା ବଡ଼ ବାଣିଜ୍ୟ ସଂସ୍ଥାରେ ଥାଏ। ଏ ପାଇଁ ପାଇକାରୀ ଖୁଚୁରା ଧନ୍ଦା ଥାଏ। ପଣ୍ୟଦ୍ରବ୍ୟ ସଂଗ୍ରହ କରି ଏକାଠି କରି ରଖି ତାକୁ ଖୁଚୁରା ବଣିକଙ୍କ ଦ୍ୱାରା ଖାଉଟି ଗ୍ରାହକଙ୍କ ପାଖରେ ପହଞ୍ଚାଇବା କାର୍ଯ୍ୟ ସର୍ବଦା ଚାଲିଆସେ। ମାତ୍ର ଏମିତି ସମୟ ଆସିଲା ପଣ୍ୟ ଦ୍ରବ୍ୟ ପ୍ରସ୍ତୁତ ସ୍ଥାନ ଉପରେ ବଡ଼ ବଣିକଙ୍କର ଅଧିକାର ଆସିଗଲା ଓ ବଜାର ଭାଉ ନିୟନ୍ତ୍ରଣ କ୍ଷମତା ତାଙ୍କ ହାତକୁ ଆସିଗଲା। ସେମାନେ ଖୁଚୁରାଙ୍କୁ ଦେଖିବାକୁ ଆଉ ପସନ୍ଦ ନକରି ସିଧାସିଧା ଖାଉଟିଙ୍କୁ ବିକ୍ରୟ ପାଇଁ ଚେଷ୍ଟା ଆରମ୍ଭ କଲେ। ସରକାର କରିଥିବା ସହଯୋଗ ସମିତି ନିୟମକୁ କୌଶଳରେ ଆପଣେଇ ରାଜକର ରିହାତି ର ବି ଉପଭକ୍ତା ହୋଇଗଲେ। ଫଳରେ ପଣ୍ୟଦ୍ରବ୍ୟର ବହୁ ଅଭାବ, ଖୁଚୁରା ବଣିକଙ୍କ ବାଣିଜ୍ୟ ଉପରେ ଆଘାତ ତାଙ୍କ ପାଖରୁ ଦ୍ରବ୍ୟ କିଣିଲେ ମହଙ୍ଗା ମଲ୍‌ରୁ କିଣିଲେ ଶସ୍ତା ଏପରି ସ୍ଥଳେ ଛୋଟ ବଣିକ କ୍ଷତି ସହିବାରୁ ବଞ୍ଚିବା ଦୂରୁହ। ହାଟ ବଜାର ସ୍ଥଳକୁ କାନୁନ ସ୍ଥାନାନ୍ତର ହଠାତ୍ କରାଇ ଦେବାରୁ ଦ୍ରବ୍ୟ ସଂରକ୍ଷଣ ଧାରା ଗଣ୍ଡଗୋଳ ହେଲା ଓ ସମୟ ଧାର୍ଯ୍ୟରେ ଦୋକାନ ଖୋଲା ବନ୍ଦ ବୋଝ ଉପରେ କୋରଡ଼ା ଆସିଲା। ଏଥିରେ ନିଶ୍ଚେ ବିକ୍ରୟ ହେବା ସମ୍ଭାବନା ବିଲୁପ୍ତ ହୋଇ ବଣିଜାରୀଙ୍କୁ ଶେଷ କଲା। ପୁଣି ଲୋକ ଏକାଧିକ ଜମି ପାରିବେ ନାହିଁ ନିୟମରେ ମଲ୍ ଗୁଡ଼ିକ ବନ୍ଦ ହୋଇ କଞ୍ଚାଦ୍ରବ୍ୟ ଓ ମିୟାଦଯୁକ୍ତ ଦ୍ରବ୍ୟ ନଷ୍ଟ ହେଲା ଏଥିରେ ବଣିଜାରୀ ମାନେ ଶେଷ ହେଉଛନ୍ତି ନା ନାହିଁ। କୃଷିକାରୀମାନେ ଶେଷରେ ମରିବେ ଅର୍ଥ ଯେ ଚାଷ କରନ୍ତି ସେ ତାଙ୍କ କୁଟୁମ୍ବ ପାଇଁ ଶସ୍ୟ ପନିପରିବା ଆଗ ରଖନ୍ତି। କୌଣସି ଟିକେ ଖାଇ ଢ଼ୋକେ ପିଇ ସମୟ କାଟନ୍ତି। ଦିଗଛ ଶାଗ, ସଜନା ଶାଗପତ୍ର, ଲଙ୍କା, ଅମୃତଭଣ୍ଡା, ନଡ଼ିଆ, କଦଳୀ, ମାଟିଆଳୁ, ସାରୁ, ପିତା ଭାଡି କଖାରୁ, ଜହ୍ନି, ଛଚିନ୍ଦା, ପୋଇରେ କୃଷିକାରୀ ତାର ଘର ଚଳାଇ ଆସୁଛନ୍ତି। ବିଲରୁ ଧାନ-ମୁଗ, ବିରି, କୋଳଥ, ମାଣ୍ଡିଆ ବର୍ଷକ ଆହାର ସଂଗ୍ରହ କରି ନିଜର ଗୁଜୁରାଣ ମେଣ୍ଟାଇବା ଚିନ୍ତାରେ ରହୁଥିବାରୁ ପ୍ରକୃତରେ ଏମାନେ ମରୁଡ଼ି ଦୁର୍ଭିକ୍ଷ ମଡ଼କରେ ବି ରହିଯାଇ ପାରନ୍ତି ବା ଶେଷରେ ଶେଷ ହୁଅନ୍ତି। ଶାସ୍ତ୍ରକାରଙ୍କ ଭବିଷ୍ୟତ ଦର୍ଶନ ଯଥାର୍ଥ ଓ ଠିକ୍ ଏହି କରୋନା ଭୋଗ ସମୟ ଏହି ପ୍ରମାଣ କରିଦେଉଛି।

**ଉତ୍କଳାନନ୍ଦ ଅଜୟ କୁମାର ବେହେରା,** ସମ୍ପାଦକ
'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩

## ରାମଜାନ ହାଟିଂରେ ଜଳଯନ୍ତ୍ରଣା, ପାନୀୟଜଳ ସମସ୍ୟାରେ ଘାଣ୍ଟି ହେଉଛନ୍ତି ୱାର୍ଡବାସୀ

ଯୋଡା (ପିଏନ୍): ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ଲକ୍ଷ୍ୟରେ ସରକାର କୋଟି କୋଟି ଟଙ୍କା ଅର୍ଥ ବ୍ୟୟ କରୁଛନ୍ତି। କିନ୍ତୁ ଏହାର ସୁଫଳ ଜନସାଧାରଣଙ୍କଠାରେ ପହଞ୍ଚି ପାରୁନଥିବା ଅଭିଯୋଗ ହୋଇଛି। ଚଳିତବର୍ଷ ମାର୍ଚ୍ଚ ମାସରୁ ଯେଉଁଭଳି ତାତି ବଢୁଛି,ସେହି ପରିମାଣରେ ଜଳ ସଂକଟ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। କେତେକ ସ୍ଥାନରେ ପାଇପ ଲାଇନ ସଂଯୋଗୀକରଣ ହୋଇଛି, ହେଲେ ପାଣି ଆସୁନଥିବା ଯୋଗୁଁ ସ୍ଥାନୀୟ ଲୋକେ ପାନୀୟ ଜଳ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଅଭିଯୋଗ ହୋଇଛି। କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ଅନ୍ତର୍ଗତ



୬ ନଂ ୱାର୍ଡ ରାମଜାନ ହାଟିଂରେ ଏଭଳି ସମସ୍ୟା ଦେଖିବାକୁ ମିଳିଛି। ଉକ୍ତ ୱାର୍ଡର ରାମଜାନ ହାଟିଂରେ ପ୍ରାୟ ୬ ଶହରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଏମାନଙ୍କ ପାଇଁ ଘରକୁ ଘର ପାଇପଲାଇନ ସଂଯୋଗୀକରଣ ହୋଇଛି,ହେଲେ ପାଣି ଆସୁନି। ଫଳରେ ଖରାଦିନେ ପାନୀୟ ଜଳ ସମସ୍ୟା ଦ୍ୱିଗୁଣିତ ହେଉଛି। ୱାର୍ଡରେ ଗୋଟିଏ କୂଅ ଥିଲେ ମଧ୍ୟ ଖରାଦିନେ ତାହା ଶୁଖିଯାଏ। ଯାହା ଅଳ୍ପ କିଛି ପାଣି ବାହାରେ ତାକୁ ନେବା ପାଇଁ ଲୋକଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥାଏ। କୂଅରୁ ପାଣି ନେବା ପାଇଁ ୱାର୍ଡର ମହିଳା, ଯୁବତୀ ଓ ନାବାଳିକା ମାନେ କୂଅର ଚାରିପାଖରେ ଘେରି ରହି ଅପେକ୍ଷା କରିଥାନ୍ତି ତାଙ୍କର ପାଳି କେତେବେଳେ ପଡିବ,କୂଅରୁ ପାଣି କାଢି କେତେବେଳେ ଘରକୁ ନେବେ। ଲୋକଙ୍କ ପାନୀୟ ଜଳ ଯୋଗାଇ ଦେବାକୁ ଲକ୍ଷ୍ୟ ରଖି ପ୍ରତି ୱାର୍ଡରେ ଷ୍ଟାଣ୍ଡପୋଷ୍ଟ କରାଯାଇଥିଲେ ହେଁ ସେଗୁଡିକ ପାନୀୟଜଳ ଆସୁନଥିବା ବେଳେ ସେଗୁଡିକ ଭାଙ୍ଗିରୁଜି ପଡି ରହିଛି। ଏହି ୱାର୍ଡରେ କେତେକ ସ୍ଥାନରେ ପାଣି ପାଇପ ବିଛାଯାଇଥିବା ବେଳେ ଆଉ କେତେକ ସ୍ଥାନରେ ଏଯାଏଁ ସଂଯୋଗ ହୋଇନାହିଁ। ଫଳରେ ପାନୀୟ ଜଳ ସମସ୍ୟାରେ ଘାଣ୍ଟି ହେଉଛନ୍ତି ଲୋକମାନେ। ଫଳରେ କୂଅ ଉପରେ ପାନୀୟ ଜଳ ନିମନ୍ତେ ନିର୍ଭର କରୁଥିବା ବେଳେ ସ୍ନାନ ଓ ଶୌଚ ନିମନ୍ତେ ନିକଟରେ ଥିବା ନାଳ ଉପରେ ନିର୍ଭର କରିଥାନ୍ତି। ଏହି ସମସ୍ୟାର ସମାଧାନ ନିମନ୍ତେ ସ୍ଥାନୀୟ ପ୍ରଶାସନ ନିକଟରେ ୱାର୍ଡବାସୀ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବାରୁ ପାନୀୟ ଜଳ ପାଇଁ ଏହି କୂଅ ଉପରେ ସମ୍ପୂର୍ଣ୍ଣ ୱାର୍ଡବାସୀ ନର୍ଭର କରି ଚଳୁଛନ୍ତି। ମାତ୍ର ପ୍ରଶାସନ ୱାର୍ଡବାସୀଙ୍କ ସମସ୍ୟାକୁ ସମାଧାନ ଦିଗରେ ଆନ୍ତରିକତା ଦେଖାଉନଥିବା କାରଣରୁ ପାନୀୟ ଜଳ ସମସ୍ୟା ଭୋଗୁଛନ୍ତି ଏହି ୱାର୍ଡବାସୀ। ଖରା ବଢିବା ସହ ଜଳକଷ୍ଟ ମଧ୍ୟ ବଢିବାରେ ଲାଗିଛି। ତୁରନ୍ତ ସ୍ଥାନୀୟ ପ୍ରଶାସନ ପାନୀୟ ଜଳ ସମସ୍ୟାର ସମାଧାନ କରିବା ପାଇଁ ସ୍ଥାନୀୟ ୱାର୍ଡବାସୀ ଦାବି କରିଛନ୍ତି।

## କେନ୍ଦ୍ରାପଡା ଜିଲ୍ଲାରେ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ନିମନ୍ତେ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା (ପିଏନ୍): ନଦୀ, ନାଳ ଘେରା ତଥା ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ଭାବେ ପରିଗଣିତ ଏବଂ ପ୍ରମୁଖ ଭାଗ ଜିଲ୍ଲାବାସୀ କୃଷି ଉପରେ ନିର୍ଭର କରୁଥିବା କେନ୍ଦ୍ରାପଡା ଜିଲ୍ଲାରେ ଏକ ମେଡିକାଲ କଲେଜ ଓ ସୁପର ସ୍ପେସିଆଲିଟି ହସ୍ପିଟାଲ ପ୍ରତିଷ୍ଠାର ଆବଶ୍ୟକତା ନିତାନ୍ତ ଅପରିହାର୍ଯ୍ୟ ବୋଲି ବିଚାର କରୁଥିବା ଜନ ସମସ୍ୟା ସମ୍ପର୍କରେ ସମର୍ପିତ ଏକ ଅଗ୍ରଣୀ ଜନ ସଂଗଠନ "ଜନମଞ୍ଚ"ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରକୁ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟକୁ ତୁରନ୍ତ ପଠାଇଦେବାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଡଃ. ଗୌରାଙ୍ଗ ପ୍ରସାଦ ବେହେରା, ପାରେଶ୍ୱର ବିଶ୍ୱାଳ ଓ ମଳୟ ଓଝା ପ୍ରମୁଖ ପ୍ରତିନିଧି ଦଳରେ ଯାଇ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିକୁ ଯଦି ସରକାର ବିଚାରକୁ ନ ନିଅନ୍ତି ତେବେ ଭବିଷ୍ୟତରେ ଏଥି ନିମିତ୍ତ ଜନଆନ୍ଦୋଳନ ତୀବ୍ରତର ହେବ ବୋଲି "ଜନମଞ୍ଚ" ପକ୍ଷରୁ ଚେତାବନୀ ଦିଆଯାଇଛି।

## ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ବାତିଲ ପାଇଁ ଦାବି

ଭୁବନେଶ୍ୱର (ପିଏନ୍): କେନ୍ଦ୍ର ସରକାର ଦୈନିକ ହାରରେ ଯେପରି ପେଟ୍ରୋଲ ଓ ଡିଜେଲ୍ ଦର ବଢାଇବାରେ ଲାଗିଛନ୍ତି, ସେହିପରି ଓଡିଶାରେ ରାଜ୍ୟ ସରକାରଙ୍କ ସହଯୋଗରେ ତୁହାକୁ ତୁହା ବିଜୁଳି ଶୁଳ୍କ ବୃଦ୍ଧି କରାଯାଉଛି। ଗତ ଅକ୍ଟୋବର ମାସରେ ରାଜ୍ୟ ସରକାରଙ୍କ ସହଯୋଗ ଓ ସମର୍ଥନରେ ଓଡିଶା ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ (ଡଂରଜଉ) ପ୍ରତି ସ୍ଲାବ୍‌ରେ ୟୁନିଟ୍ ପିଛା ୨୦ ପଇସା ଅତି ଅଗଣତାନ୍ତ୍ରିକ ଭାବେ ବୃଦ୍ଧି ପାଇଁ ସୁପାରିଶ କରିଥିଲେ। କୋଭିଡ୍ ଯୋଗୁଁ ସାଧାରଣ ଲୋକେ, ଛୋଟ ଦୋକାନୀ ଆଦି ନାହିଁ ନଥିବା ଆର୍ଥିକ କ୍ଷତିରେ ଥିବା ବେଳେ ଏବେ ପୁଣି ଥରେ ୟୁନିଟ୍ ପିଛା ଆଉ ୩୦ ପଇସା ବୃଦ୍ଧି ପାଇଁ ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ସୁପାରିଶ ବେଢି ଉପରେ କୋରଡା ମାଡ ସଦୃଶ୍ୟ। ରାଜ୍ୟର ବିଦ୍ୟୁତ୍ ବିତରଣ ବ୍ୟବସ୍ଥାକୁ ରାଜ୍ୟ ସରକାର ଘରୋଇ ଟାଟା କମ୍ପାନୀ ହାତରେ ଟେକିଦେବା ପରେ ଟାଟା କମ୍ପାନୀର ଲାଭ ଓ ମୁନାଫା ବୃଦ୍ଧିକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ ଟାଟା କମ୍ପାନୀର ସ୍ୱାର୍ଥରକ୍ଷାକାରୀ ଭାବେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଛି। ବିଦ୍ୟୁତ୍ ଏକ ଅତ୍ୟାବଶ୍ୟକ ସେବା ପରିବର୍ତ୍ତେ ଏକ ବଜାରର ଭୋଗ୍ୟ ସାମଗ୍ରୀରେ ପରିଣତ କରିବା ଉଦ୍ଦେଶ୍ୟରେ କାର୍ଯ୍ୟ କରାଯାଉଛି। ଫଳରେ ସାଧାରଣ ଲୋକେ ଏଣିକି ଆଉ ବିଦ୍ୟୁତ୍ ବ୍ୟବହାର କରିପାରିବେ ନାହିଁ। ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ସହ ବିଦ୍ୟୁତ୍ ସରବରାହଜନିତ କ୍ଷତି ରୋକିବାରେ ସମର୍ଥ ହେବା ଲାଗି ରାଜ୍ୟ ସରକାର ବିଦ୍ୟୁତ୍ ବୋର୍ଡକୁ ଭାଙ୍ଗି ଦେଇ ଘରୋଇକରଣ କରିବା ବାଟ ଧରିଥିଲେ। ବିଦ୍ୟୁତ୍ ସଂସ୍କାର କାର୍ଯ୍ୟକାରୀ କରିବା ନାମରେ ପୂର୍ବରୁ ରାଜ୍ୟରେ ଏ.ଇ.ଏସ୍,, ବି.ଏସ୍.ସି.ଏସ୍, ରିଲାଏନ୍ସ ପରି ଘରୋଇ କମ୍ପାନୀମାନଙ୍କ ହାତରେ ରାଜ୍ୟର ବିଦ୍ୟୁତ୍ ବିତରଣ ବ୍ୟବସ୍ଥା ହସ୍ତାନ୍ତର ହୋଇଥିଲା। କିନ୍ତୁ ଏଥିରେ କୌଣସି ସୁଫଳ ମିଳିଲା ନାହିଁ। ବରଂ, ଏହି ଘରୋଇ କମ୍ପାନୀମାନେ ଶହ ଶହ କୋଟି ଟଙ୍କା ମାରିନେଇ ଚାଲିଗଲେ। ଏଥିରୁ ଶିକ୍ଷାନେବା ପରିବର୍ତ୍ତେ ରାଜ୍ୟ ସରକାର ଏବେ ପୁଣି ଟାଟା କମ୍ପାନୀ ହାତରେ ବିଦ୍ୟୁତ୍ ବିତରଣ ବ୍ୟବସ୍ଥାକୁ ଟେକି ଦେଇଛନ୍ତି। ବର୍ତ୍ତମାନର ଶୁଳ୍କ ବୃଦ୍ଧି ଏପ୍ରିଲ ୪ରୁ ଲାଗୁ ହେଲେ ହାରାହାରି ୟୁନିଟ୍ ପିଛା ୫.୬ ପ୍ରତିଶତ ହେବ। ରାଜ୍ୟ ସରକାର ଓ ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗର ଜନ ବିରୋଧୀ ଓ ଟାଟା ସପକ୍ଷବାଦୀ ନୀତି ବିରୁଦ୍ଧରେ ସମଗ୍ର ରାଜ୍ୟରେ ଜନ ସାଧାରଣ ପ୍ରତିବାଦ ଆନ୍ଦୋଳନ କରିବା ପାଇଁ ଆହ୍ୱାନ ଦିଆଯାଇଛି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ସ୍କୁଲ ବନ୍ଦ-ମିଶ୍ରଣ ନୀତି ସଂପୂର୍ଣ୍ଣ ପ୍ରତ୍ୟାହାର କରି ପ୍ରାଥମିକ ସ୍କୁଲ ମାନଙ୍କରେ ନାମଲେଖା ଆରମ୍ଭ କରିବା ଦାବୀରେ ବିଦ୍ୟାଳୟ ସୁରକ୍ଷା କମିଟି ପକ୍ଷରୁ ବିକ୍ଷୋଭ




ଭୁବନେଶ୍ୱର: ଉପସ୍ଥାନ କମ୍‌ଥିବା ଆଳ ଦର୍ଶାଇ ରାଜ୍ୟ ସରକାର୨୦୧୮ ମସିହାରେ ରାଜ୍ୟର ୧୪,୩୭୯ଟି ବିଦ୍ୟାଳୟ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଥିଲେ ଏବଂ କରୋନା ମହାମାରୀର ସୁଯୋଗ ନେଇ ଏହାକୁ ୨୦୨୦-୨୦୨୧ ଶିକ୍ଷାବର୍ଷରେ କାର୍ଯ୍ୟକାରୀ କରିବା ଆରମ୍ଭ କରିଥିଲେ। ସ୍କୁଲ ବନ୍ଦ-ମିଶ୍ରଣ ନୀତିକୁ ସଂପୂର୍ଣ୍ଣ ପ୍ରତ୍ୟାହାର କରିବା ସହିତ ତୁରନ୍ତି ବିଦ୍ୟାଳୟ ଗୁଡିକୁ ଖୋଲି ନାମଲେଖା ଆରମ୍ଭ କରିବା ଦାବୀରେ ଆଜି ବିଦ୍ୟାଳୟ ସୁରକ୍ଷା କମିଟି ପକ୍ଷରୁ ସାରା ଓଡିଶା ଦାବୀ ଦିବସ ପାଳନ କରାଯାଇଛି। ଏହି ଅବସରରେ ଆଜି ଭୁବନେଶ୍ୱର ରାଜ୍ୟ ସଚିବାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି। ଏହା ସହିତ ଗାମ, ବଲାଙ୍ଗିର, ଯାଜପୁର, ବାଲେଶ୍ୱର, କୋରାପୁଟ, ମୟୁରଭ, କେନ୍ଦୁଝର, ଭଦ୍ରକ ଆଦି ରାଜ୍ୟର ବିଭିନ୍ନ ସ୍ଥାନ ମାନଙ୍କରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଛି। ଏଠାରେ ସୂଚନା ଯୋଗ୍ୟ, ସରକାର ରାଜ୍ୟର ବିପର୍ଯ୍ୟସ୍ତ ସ୍କୁଲ ଶିକ୍ଷାବ୍ୟବସ୍ଥାକୁ ନସଜାଡି ସରକାରୀ ସ୍କୁଲଗୁଡିକୁ ବନ୍ଦ କରିବା ପାଇଁ ୨୦୧୮ ମସିହାରୁ ଯୋଜନା ପ୍ରସ୍ତୁତ କରିଚାଲିଛନ୍ତି। ଫଳରେ ବନ୍ଦ ହେଉଥିବା ସ୍କୁଲର ଛାତ୍ରଛାତ୍ରୀଙ୍କ ପାଠପଢାରେ ଡୋରି ବନ୍ଧା ସହିତରାଜ୍ୟର ହଜାର ହଜାର ସିଟି, ବିଏଡ ଆଶାୟୀ ପ୍ରାର୍ଥୀଙ୍କ ନିଯୁକ୍ତିର ସମ୍ଭାବନା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେନ୍ଦ୍ର ସରକାରଙ୍କ ଶିକ୍ଷାଧିକାରୀ, ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣର ପଥ ସୁଗମ କରିବାର ନୀଳନକ୍ସା ଜାତୀୟ ଶିକ୍ଷାନୀତି-୨୦୨୦ର ପରିପୂରକ ଭାବେ ରାଜ୍ୟ ସରକାର ଏ ନୀତି ଆପଣେଇଛନ୍ତି। ଏହି ଅନ୍ୟାୟ ନିଷ୍ପତ୍ତି ବିରୋଧରେ ଓଡିଶାର ଛାତ୍ରଛାତ୍ରୀ ଓ ଅଭିଭାବକ ସ୍ୱତଃ ରାଜ୍ୟବ୍ୟାପି ଦୁର୍ବାର ଆନ୍ଦୋଳନ ଗଢିତୋଳିଛନ୍ତି। ପ୍ରତ୍ୟେକ ଜିଲ୍ଲାରେ ଅଭିଭାବକମାନେ ବିଦ୍ୟାଳୟ ସୁରକ୍ଷା କମିଟି ଗଠନ କରି ଆନ୍ଦୋଳନ ଚଳାଇ ରଖିଛନ୍ତି। ରାଜ୍ୟବ୍ୟାପୀ ବିରୋଧ ଏବଂ ଆନ୍ଦୋଳନ ଚାପରେ ଏବଂ ବହୁ ଅଭିଯୋଗ ଫଳରେ ଏବେ ଓଡିଶା ମାନ୍ୟବର ହାଇକୋର୍ଟ ରାଜ୍ୟ ସରକାରଙ୍କ ଦ୍ୱାରା ୨୦୨୦ ମାର୍ଚ୍ଚ ୧୧ତାରିଖରେ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ସ୍କୁଲ ବନ୍ଦ ବିଜ୍ଞପ୍ତିକୁ ରଦ୍ଦ କରିଛନ୍ତି। ୨୦ ଜଣରୁ କମ୍ ଛାତ୍ରଛାତ୍ରୀ ଥିବା ସ୍କୁଲଗୁଡିକୁ ବନ୍ଦ କରିବା ବିଜ୍ଞପ୍ତି ରଦ୍ଦ କରିବା ସହିତ ଛୋଟଛୋଟ ପିଲାମାନଙ୍କୁ ଦୂର ସ୍କୁଲକୁ ପଠାଇବା ସମ୍ବିଧାନର ଧାରା ୨୧-ଏ ଏବଂ ଆଇନ ୨୦୦୯ ତଥା ନିୟମ ୨୦୧୦ର ବିରୁଦ୍ଧାଚରଣ କରୁଛି ବୋଲି କହିଥିଲେ। ଏଥି ସହିତ ଧ୍ୱଂସ ପ୍ରାୟ ସରକାରୀ ଶିକ୍ଷାକୁ ସଜାଡିବା ପାଇଁ ସରକାରଙ୍କୁ ମଧ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସରକାର ବୃହତର ଜନସାଧାରଣ ତଥା ଛାତ୍ର ସମାଜର ସ୍ୱାର୍ଥ ଦୃଷ୍ଟିରୁ ତାହାକୁ କାର୍ଯ୍ୟକାରୀ ନକରି ଅପରନ୍ତୁ ମାନ୍ୟବର ହାଇକୋର୍ଟଙ୍କ ରାୟ ବିରୁଦ୍ଧରେ division benchକୁ ଯାଇଛନ୍ତି। ଯାହାଫଳରେ ଅଭିଭାବକମାନେ ବର୍ତ୍ତମାନ ଘୋର ଅନିଶ୍ଚିତତା ଭିତରେ ଅଛନ୍ତି।ତେଣୁ ଏହି ପରିସ୍ଥିତିରେ ରାଜ୍ୟ ସରକାର କାଳ ବିଳମ୍ବ ନକରି ସ୍କୁଲ ବନ୍ଦ-ମିଶ୍ରଣ ନୀତି ସଂପୂର୍ଣ୍ଣ ପ୍ରତ୍ୟାହାର କରି ବନ୍ଦ କରାଯାଇଥିବା ସରକାରୀ ପ୍ରାଥମିକ ସ୍କୁଲଗୁଡିକୁ ତୁରନ୍ତି ଖୋଲି ନାମଲେଖା ଆରମ୍ଭ କରିବା ଦାବିରେ ଆଜି ବିଦ୍ୟାଳୟ ସୁରକ୍ଷା କମିଟି ପକ୍ଷରୁ ବିକ୍ଷୋଭ କରାଯାଇଛି। ଏହି ବିକ୍ଷୋଭରେ ଗଣେଶ ତ୍ରିପାଠି, ସୁବାସ ନାୟକ, ସିଦ୍ଧାର୍ଥ ରଥ, ବିନୋଦ ଷଡଙ୍ଗୀ, ଜୟନ୍ତି ମହାନ୍ତି, ନସିମ ସରକାର, ସସ୍ମିତା ରାଉଳ, ତରୁଣସେନ ନାୟକ ପ୍ରମୁଖ ବକ୍ତବ୍ୟ ରଖି ସରକାର ଯଦି ଦାବି ପୂରଣ ନକରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ଯାଜପୁର ଜିଲ୍ଲାରୁ ୧୨ କନେଷ୍ଟବଲଙ୍କୁ ନିଜ ଜିଲ୍ଲାକୁ ବଦଳି

କୋରେଇ: ଯାଜପୁର ଜିଲ୍ଲା ପୁଲିସରେ ବିଭନ୍ନ ଥାନାରେ କାର୍ଯ୍ୟରତ ୧୨ ଜଣ କନେଷ୍ଟବଲଙ୍କୁ ସେମାନଙ୍କ ନିଜ ଜିଲ୍ଲାକୁ ବଦଳି କରାଯାଇଛି। ୨୦୦୭ ମସିହାରୁ ୨୦୧୨ ମସିହା ମଧ୍ୟରେ ଏମାନେ ଯାଜପୁର ଜିଲ୍ଲାରେ ବିଭିନ୍ନ ଥାନାରେ କାର୍ଯ୍ୟ ସମ୍ପାଦନା କରିଆସୁଥିଲେ। ତ୍ରିଲୋଚନ ମଲିକଙ୍କୁ ଯାଜପୁର ଟାଉନ ଥାନାରୁ ରାଉରକେଲା ଜିଲ୍ଲା, ସୁଧାଂଶୁ ଶେଖର ପହୀଙ୍କୁ ବିରଜା ଟିଓପିରୁ ମାଲକାନାଗିରି ଜିଲ୍ଲା, ହୃଦାନନ୍ଦ ସାହୁଙ୍କୁ ଯାଜପୁର ସଦର ଥାନାରୁ ଭଦ୍ରକ ଜିଲ୍ଲା, ହିମାନୀ ରାୟଙ୍କୁ ବଡଚଣା ଥାନାରୁ ଖୋର୍ଦ୍ଧା ଜିଲ୍ଲା, ଭଜନ କୁମାର ବିଶ୍ୱାଳଙ୍କୁ ବଡଚଣା ଥାନାରୁ ବାଲେଶ୍ୱର ଜିଲ୍ଲା, ନିବେଦିତା ପାତ୍ରଙ୍କୁ ଚଣ୍ଡିଖୋଲ ଫାଣ୍ଡିରୁ ରୟାଗଡା ଜିଲ୍ଲା, ଅଭୟ କୁମାର ଦାସଙ୍କୁ ଯାଜପୁରରୋଡ ଥାନାରୁ ସୁନ୍ଦରଗଡ ଜିଲ୍ଲା, ସୁନାକର ବିଶ୍ୱାଳଙ୍କୁ ଯାଜପୁରରୋଡ ଥାନାରୁ ସୁବର୍ଣ୍ଣପୁର ଜିଲ୍ଲା, କମଳ ଲୋଚନ କରଙ୍କୁ ପାଣିକୋଇଲି ଥାନାରୁ ସୁନ୍ଦରଗଡ ଜିଲ୍ଲା, ଉମାକାନ୍ତ ମଲିକଙ୍କୁ କୁଆଖିଆ ଥାନାରୁ ରାଉରକେଲା ଜିଲ୍ଲା, ସେକ ଜାହାଙ୍ଗିର ଆଲମଙ୍କୁ ବାଲିଚନ୍ଦ୍ରପୁର ଥାନାରୁ ସୁନ୍ଦରଗଡ ଜିଲ୍ଲାକୁ ବଦଳି କରାଯାଇଛି। ସେମାନେ ନିଜ ସ୍ଥାନରୁ ତୁରନ୍ତ ଆସି ଜିଲ୍ଲା ମୁଖ୍ୟାଳୟରେ ପହଂଚି ନିଜ ଜିଲ୍ଲାକୁ ଯିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏନେଇ ଯାଜପୁର ଏସପି ରାହୁଲ ପିଆର ଶନିବାର ପତ୍ର ସଂଖ୍ୟା ୧୩୮୫ ଅର୍ଡର ନମ୍ବର ୨୦୧୦ରେ ସୂଚନା ଜାରି କରିଛନ୍ତି।

# ରାଇଡ ପକ୍ଷରୁ ଏସଏଚଜି ମହିଳାଙ୍କୁ ଦୁଗ୍ଧଜାତ ଦ୍ରବ୍ୟ ଉତ୍ପାଦନ ସମ୍ପର୍କରେ ପ୍ରଶିକ୍ଷଣ






କେନ୍ଦ୍ରାପଡ଼ା : ରାଇଡ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ନାବାର୍ଡ ସହଯୋଗରେ ସ୍ୱୟଂ ସହାୟିକା ଗୋଷ୍ଠିର ମହିଳାମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅଙ୍ଗୁଳେଇ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ଏସଏଚଜି ମହିଳାମାନଙ୍କୁ ଦୁଗ୍ଧରୁ କିଭଳି ମେସିନ ସାହାଯ୍ୟରେ ଲହୁଣୀ ଅଲଗା ହେବ, ଦୁଗ୍ଧରୁ ଛେନା, ଘିଅ, ଦହି ବାହାର କରାଯିବା ସହ ରାବିଡି, ରସାବଳି ଓ ଗୋଲାପଜାମ ପ୍ରସ୍ତୁତ ହୋଇପାରିବ ସେ ସମ୍ପର୍କରେ ଏକ ଡେମନଷ୍ଟ୍ରେସନ ଜରିଆରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଥିସହିତ କୁହୁଡି ଠାରେ ଦୁଗ୍ଧଜାତ ଦ୍ରବ୍ୟ ପ୍ରସ୍ତୁତ ନିମନ୍ତେ ଏକ ଡେମନଷ୍ଟ୍ରେସନ ୟୁନିଟକୁ ନାବାର୍ଡର ଡିଡିଏମ ଅଶୋକ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏହି ଶିବିରରେ ରାଇଡର ସମ୍ପାଦକ କିଶୋର କୁମାର ସାହୁ ଯୋଗଦେଇ ନାବାର୍ଡର ଡିଡିଏମ ଶ୍ରୀ ଆଚାର୍ଯ୍ୟଙ୍କ ସହିତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏସଏଚଜି ମହିଳା ଦୁଗ୍ଧଚାଷୀମାନେ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଗୋଟିଏ ଜିଲ୍ଲାକୁ ଗୋଟିଏ ପ୍ରକଳ୍ପ ଯୋଜନାରେ କେନ୍ଦ୍ରାପଡା ଜିଲ୍ଲାକୁ ଏହି ପ୍ରକଳ୍ପ ପ୍ରଦାନ କରାଯାଇଛି। ଏହି ୟୁନିଟ ଦ୍ୱାରା ମାର୍ଶାଘାଇ ବ୍ଲକର ଅଙ୍ଗୁଳେଇ ଓ କୁହୁଡି ପ୍ରଭୃତି ଅଞ୍ଚଳର ଦୁଗ୍ଧଚାଷୀମାନେ ଉପକୃତ ହୋଇପାରିବେ ବୋଲି ରାଇଡର ସମ୍ପାଦକ ଶ୍ରୀ ସାହୁ ଆଶାବ୍ୟକ୍ତ କରିଛନ୍ତି।

## ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଫ୍ରିଡମ ରନ-୨୦୨୧ର ଆୟୋଜନ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଫ୍ରିଡମ ରନ-୨୦୨୧ର ଆୟୋଜନ କରାଯାଉଛି। ସ୍ୱାଧୀନତାର ୭୫ବର୍ଷ ପାଳନକୁ କେନ୍ଦ୍ର ସରକାର ଆଜାଦିକା ଅମୃତ ମହୋତ୍ସବ ଭାବରେ ପାଳନ କରୁଥରବା ପରିପ୍ରେକ୍ଷୀରେ ନେହେରୁ ଯୁବକେନ୍ଦ୍ର ସଂଗଠନ ପକ୍ଷରୁ ଫିଟ ଇଣ୍ଡିଆ ଓ ଫ୍ରିଡମ ରନ ଭଳି ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଗତବର୍ଷ ମାର୍ଚ୍ଚ ୧୨ତାରିଖରେ ଆଜାଦିକା ଅମୃତ ମହୋତ୍ସବ ଉଦଘାଟନ ପର୍ବ ଉପକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ଉଦବୁଦ୍ଧ ହୋଇ ସରକାରଙ୍କ କ୍ରୀଡା ଓ ଯୁବସେବା ମନ୍ତ୍ରଣାଳୟ ଆନୁକୁଲ୍ୟରେ ଆରମ୍ଭ ହେବାକୁ ଯାଉଥିବା ଏହି ଅଭିଯାନରେ ସମଗ୍ର ଦେଶର ୪୨.୧୮ଲକ୍ଷ ଯୁବ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିବେ। କ୍ରୀଡା ଓ ଯୁବସେବା ମନ୍ତ୍ରଣାଳୟ ଅଧିନସ୍ତ କେନ୍ଦ୍ରାପଡା ନେହେରୁ ଯୁବକେନ୍ଦ୍ର ସଂଗଠନ ପକ୍ଷରୁ ଚଳିତମାସ ୧୩ତାରିଖରୁ ଅକ୍ଟୋବରମାସ ୨ତାରିଖ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଫିଟ ଇଣ୍ଡଆ ଓ ଫ୍ରିଡମ ରନ ଆୟୋଜନ କରାଯାଉଛି।

# ମାଫିଆଙ୍ଗ କବଳରେ ନେଲୁଙ୍ଗ ଜଙ୍ଗଲ ଓ ହୁଡି



କେନ୍ଦୁଝର(ପିଏନ): ସଂପ୍ରତି ଜିଲ୍ଲା ମୁଖ୍ୟାଳୟରୁ ମାତ୍ର ୫/୬ କି.ମି. ଦୂରରେ ଅବସ୍ଥିତ ନେଲୁଙ୍ଗ ଗ୍ରାମ ପଥରହୁଡି ଏବଂ ସଂରକ୍ଷିତ ଜଙ୍ଗଲରୁ ଅହରହ ଟ୍ରାକ୍ଟର ଯୋଗେ ପଥର, ବାଲି, ମୋରମ ଇତ୍ୟାଦି ଚୋରି କରି ବାହାରେ ବିକ୍ରୀ ହେଉଛି। ଏହି ଲଘୁଖଣିଜ ସମ୍ପଦ ଚୋରି କରୁଥିବା ମାଫିଆ ମାନଙ୍କ ଦୌରାତ୍ମ୍ୟ ଦିନକୁ ଦିନ ଏତେ ପରିମାଣରେ ବଢି ଗଲାଣି ଯେ ଗ୍ରାମବାସୀ ତ୍ରାହି ତ୍ରାହି ଡାକିଲେଣି। ଗ୍ରାମ ଜଙ୍ଗଲରୁ ପଥର ଓ ମୋରମ ଇତ୍ୟାଦି କୋଟି କୋଟି ଟଙ୍କାର ସମ୍ପଦ ଦିନଦ୍ୱିପ୍ରହରେ ପ୍ରଶାସନ ଜାଣିବାରେ ଚୋରି ହେଉଛି। ପ୍ରତ୍ୟେକ ବର୍ଷ ପଥର ଖଣିରେ ଗୃହ ପାଳିତ ପଶୁମାନେ ପଡି ମୃତାହତ ହେଉଛନ୍ତି। ଗ୍ରାମ ରାସ୍ତାରେ ଅହରହ ଟ୍ରାକ୍ଟର ଚାଲିବା ଫଳରେ ଶବ୍ଦ ପ୍ରଦୂଷଣ ହେବା ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷାର ଘୋର ବାଧାପ୍ରାପ୍ତ ହେଉଛି। ଗ୍ରାମବାସୀମାନେ ବହୁବାର ଜିଲ୍ଲା ପ୍ରଶାସନ ପାଖରେ ଖଣିଜ ସମ୍ପଦ ଚୋରୀକୁ ରୋକିବାକୁ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳୁନାହିଁ ବରଂ ଏହାଦ୍ୱାରା ଖଣିଜ ସମ୍ପଦ ଚୋରୀ କରୁଥିବା ମାଫିଆମାନେ ଦ୍ୱିଗୁଣିତ ବେଗରେ ଚୋରୀ କରୁଛନ୍ତି। ସେମାନେ ପ୍ରକାଶ୍ୟରେ କହୁଛନ୍ତି ଯେ ତହସିଲ ଅଫିସ୍ ଓ ଜଙ୍ଗଲ ବିଭାଗ ବାବୁ ମାନଙ୍କୁ ମାସିକ ହାତ ଚିକ୍କଣ ମିଳୁଛି। ଏଥିରେ ସେମାନଙ୍କ କେଶ ମଧ କେହି ଉପାଡି ପାରିବେ ନାହିଁ। ବ୍ୟାପକ ଲଘୁ ଖଣିଜ ଚୋରୀ ଯୋଗୁଁ ପରିବେଶ ତ ନଷ୍ଟ ହେଉଛି ସରକାର ମଧ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ଚୋରୀକୁ ପ୍ରତିବାଦ କଲେ ମାଫିଆମାନେ ପ୍ରତିବାଦକାରୀଙ୍କୁ ଜୀବନରେ ମାରିଦେବାକୁ ମଧ ଧମକ ଦେଉଛନ୍ତି। ଏ ସମ୍ବନ୍ଧରେ ସଦର ତହସିଲଦାରଙ୍କୁ ଆମ ପ୍ରତିନିଧି ଯୋଗାଯୋଗ କରିବାରୁ ତହସିଲଦାର ବାବୁ କହିଲେ ଯେ ଦୁଇମାସ ପୂର୍ବେ ୨ଟି ଟ୍ରାକ୍ଟରକୁ ଧରାଯାଇ ଜୋରିମାନା ଆଦାୟ ହୋଇଛି। ଯା ବ୍ୟତିରେକ ସେ ଅନ୍ୟ କିଛି କରିପାରିବେ ନାହିଁ। ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଶାସକକୁ ସାହାଯ୍ୟ କରିବାକୁ ପ୍ରଶାସକ ନିଯୁକ୍ତି ହୋଇଥାନ୍ତି। ଯଦି ପ୍ରଶାସକ ଅସହାୟ ହୋଇପଡେ ଆଗାମୀ କାଲି ଦେଶରେ ଉତ୍ତରପ୍ରଦେଶ ପରି ବାହୁବଳୀ ସୃଷ୍ଟି ହୋଇ ସମଗ୍ର ଜନସାଧାରଣଙ୍କ ପାଇଁ ତଥା ପ୍ରଶାସନ ପାଇଁ ମୁଣ୍ଡ ବ୍ୟଥାର କାରଣ ହେବ। ଏଣୁ ନେଡି ଗୁଡ କହୁଣିକୁ ବୋହି ଯିବା ପର୍ବରୁ ଏ ପ୍ରକାର ମାଫିଆ ମାନଙ୍କୁ କଠୋର ଦଣ୍ଡ ବିଧାନ କରିବାକୁ ଗ୍ରାମର ଦାମୋଦର ପଣ୍ଡା, କ୍ଷିରୋଦ ଚନ୍ଦ୍ର ରଣା, ଗଙ୍ଗାଧର ନାଏକ, ରବି ଦାସ, ରାହାସ ରଣା, ଧରଣୀ ପାତ୍ର, ଶ୍ରୀକାନ୍ତ ନାଏକ ପ୍ରମୁଖ ନିବେଦନ କରିଛନ୍ତି। ଚୋରୀ ରୋକା ନଗଲେ ଜିଲ୍ଲା ପ୍ରଶାସନ ପାଖରେ ଗଣ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଜିଲ୍ଲାପାଳ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାକୁ ଜନସାଧାରଣରେ ଦାବି ହୋଇଛି।

# ଆବାସ ଯୋଜନା ହିତାଧିକାରୀ ଚୟନରେ କେଳେଙ୍କାର, ସମିତି ସଭ୍ୟାଙ୍କ ସ୍ୱାମୀ ଯୋଗ୍ୟ, ଦୃଷ୍ଟିହୀନ ଅଯୋଗ୍ୟ

ଭଦ୍ରକ:ଏହି ଜିଲାର ଧାମନଗର ବ୍ଲକ୍ ପକ୍ଷରୁ ଆନନ୍ଦପୁର ପଂଚାୟତ ପାଇଁ ପ୍ରସ୍ତୁତ କରାଯାଇଥିବା ଆବାସ ଯୋଜନାର ଯୋଗ୍ୟ ହିତାଧିକାରୀ ତାଲିକାରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଛି। କୋଠାଘର, ଅଟୋ ମାଲିକ ମାସକୁ ୧୫ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ରୋଜଗାର କରୁଥିବା ବ୍ୟକ୍ତି, ଠିକାଦାର ଓ ବ୍ୟବସାୟୀମାନେ ଆବାସ ଯୋଜନାର ହିତାଧିକାରୀ ହୋଇଛନ୍ତି। ମାତ୍ର ଆଦୌ ଘର ନଥିବା ଭଙ୍ଗା କୁଡିଆରେ, ଜରି ପାଲ ତଳେ ରହୁଥିବା ଅନ୍ଧ ଓ ଭିନ୍ନକ୍ଷମ ବ୍ୟକ୍ତି ଅଯୋଗ୍ୟ ବିବେଚିତ ହୋଇ ଏହି ତାଲିକାରୁ ବାଦ୍ ପଡିଛନ୍ତି। ଅନୁରୂପ ଗୋଟିଏ ଗୋଟିଏ ପରିବାରରୁ ପିତା-ପୁତ୍ର ଏକାନ୍ନବର୍ତ୍ତୀ ପରିବାରର ଦୁଇଭାଇ, ଦୁଇ ଯାଆ, ବିବାହିତ ଝିଅ, ଦୁଇମାସ ତଳେ ବିବାହ ହୋଇ ଆସିଥିବା ନବବଧୂ ବି ଏହି ତାଲିକାରେ ଘର ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି। ପାହାଡପୁର ଗାଁର ରଂଜିତା ବାରିକ ଓ ରଶ୍ମିତା ବାରିକ ଆବାସ ଯୋଜନାରେ ଘର ପାଇବାକୁ ତାଲିକାରେ ଯୋଗ୍ୟ ହୋଇଛନ୍ତି। ଆବାସ ଯୋଜନାର ଦରଖାସ୍ତ ଫର୍ମ ନଂ ୧୫୨୩୮୮୪୪୪ ଓ ଆନନ୍ଦପୁର ପଂଚାୟତ ତାଲିକାର ୧୬୨ ନମ୍ବରରେ ଥିବା ରଂଜିତାଙ୍କ ସ୍ୱାମୀ ପ୍ରଶାନ୍ତ ବାରିକଙ୍କର ନିଜର ଗୋଟିଏ ଅଟୋ ଅଛି। ଏବେବି ସେ ଇଏମ୍ଆଇ ଦେଉଛନ୍ତି। ଏଥିସହିତ ପ୍ରଶାନ୍ତଙ୍କର ୪ ବଖରା ଯୁକ୍ତ ଏକ ବଡ କୋଠାଘରଟିଏ ଅଛି। ସେହିପରି ଦରଖାସ୍ତ ଫର୍ମ ନଂ ୧୫୨୩୮୮୪୨ ଓ ଆନନ୍ଦପୁର ପଂଚାୟତ ତାଲିକାର ୧୬୩ ନମ୍ବରରେ ଥିବା ରଶ୍ମିତା ବାରିକ ହେଉଛନ୍ତି ରଂଜିତାଙ୍କ ବଡ ଯା'। ଦରଖାସ୍ତରେ ରଶ୍ମିତାଙ୍କ ସ୍ୱାମୀଙ୍କ ନାମ ବାଦ୍ ପଡିଛି। ତା ବଦଳରେ ଅତି ଚାଲାକି ସହ ତାଙ୍କ ପିତାଙ୍କ ନାମ ଦିଆଯାଇଛି। ପ୍ରଶାନ୍ତଙ୍କ ପରିବାରରୁ ଅନ୍ୟ ଦୁଇଜଣ ପୂର୍ବରୁ ଦୁଇଟି ସରକାରୀ ଆବାସ ଘର ପାଇଛନ୍ତି। ନିକଟରେ ତାଙ୍କ ପରିବାରରୁ ଜଣେ ମୋ ଗୁହାଳ ଯୋଜନାରେ ଘରଟିଏ ମଧ୍ୟ ହାତେଇଛନ୍ତି। ପ୍ରଶାନ୍ତଙ୍କ ବଡଭାଇ ଓ ଧାମନଗର ବ୍ଲକ୍‌ରେ କାର୍ଯ୍ୟରତ ଜଣେ ବ୍ଲକ୍ ପ୍ରୋଜେକ୍ଟ କୋଅର୍ଡିନେଟର ଗୋଟିଏ ସ୍କୁଲରେ ଗୋଟିଏ ବ୍ୟାଚ୍‌ରେ ପଢୁଥିଲେ। ସଂପୃକ୍ତ ବିପିସି ଏଥିପୂର୍ବରୁ ଆନନ୍ଦପୁର ପଂଚାୟତର ଜିଓ ଟ୍ୟାଗିଂ କରୁଥିଲେ। ସେତେବେଳେ ସେ ଅନେକ ଅନିୟମିତତା କରି ପ୍ରଶାନ୍ତ ବାରିକଙ୍କ ବଡଭାଇଙ୍କ ପରିବାରକୁ ସରକାରୀ ସୁବିଧା ଦେବାରେ ସହାୟତା କରିଥିବାର ଅଭିଯୋଗ ହୋଇଛି। ଅନୁରୂପ ଆନନ୍ଦପୁର ପଂଚାୟତର ସମିତିସଭ୍ୟ ମୀନାକ୍ଷୀ ଶତପଥୀଙ୍କ ସ୍ୱାମୀ କୁଳମଣି ଶତପଥୀ ଏଥର ଯୋଗ୍ୟ ହିତାଧିକାରୀ ତାଲିକାରେ ସ୍ଥାନ ପାଇଛନ୍ତି। ଦରଖାସ୍ତ ନଂ ୧୫୨୬୮୩୨୨ ଓ ଆନନ୍ଦପୁର ପଂଚାୟତ ତାଲିକାର କ୍ରମିକ ନଂ ୨୦୬ ରେ ଥିବା କୁଳମଣି ଜଣେ ବ୍ୟବସାୟୀ। ଗତବର୍ଷ କରୋନା ସମୟରେ ଆନନ୍ଦପୁର ପଂଚାୟତର ଟିଏମ୍‌ସି ସେରକୁ ସେ ଭେଣ୍ଡର ଭାବେ ଖଟିଆ, ବିଛଣାପତ୍ର ଓ ଆବଶ୍ୟକୀୟ ସାମଗ୍ରୀ ଯୋଗାଇଥିଲେ। ଏତଦ୍‌ବ୍ୟତୀତ ତାଙ୍କର ଉତେଇପୁରରେ କୋଠାଟିଏ ତିଆରି ଚାଲିଛି। କେବଳ ଏତିକି ନୁହେଁ, ଆନନ୍ଦପୁରରେ ଅମୂଲ୍ୟ କୁମାର ମହାନ୍ତିଙ୍କ ନାମ ଏଥର ଯୋଗ୍ୟ ହିତାଧିକାରୀ ତାଲିକାରେ ରହିଛି। ଅମୂଲ୍ୟ ମହାନ୍ତିଙ୍କର ଯୌଥ ପରିବାର। ଭାଇଙ୍କର ଗୋଟିଏ ଟ୍ରାକ୍ଟର ରହିଛି। ତାଙ୍କ ପିତା ବିମ୍ବାଧର ମହାନ୍ତି ପୂର୍ବରୁ ଆବାସ ଯୋଜନାରେ ଘର ପାଇସାରିଛନ୍ତି। ନିଜେ ଅମୂଲ୍ୟ ମହାନ୍ତି ପଂଚାୟତର ଚମ୍ପାବାଗ ନାରାୟଣ ପଡିଆରେ ଏକ ବିରାଟ ଦୋକାନ କରିଛନ୍ତି। ତା ସତ୍ତ୍ୱେ ତାଙ୍କୁ ହିତାଧିକାରୀ କରାଯାଇଛି। ବାଙ୍ଗାଲୋରରେ ସିକ୍ୟୁରିଟି କଂପାନୀର ମ୍ୟାନେଜର ଥିବା ପାହାଡପୁର ଖଗେଶ୍ୱର ସାହୁଙ୍କ ପତ୍ନୀ ସସ୍ମିତା ସାହୁ ବି ଯୋଗ୍ୟ ତାଲିକାରେ ସ୍ଥାନ ପାଇଛନ୍ତି। ଏହିଭଳି ପ୍ରାୟ ୧୫୦ ରୁ ଉର୍ଦ୍ଧ୍ୱ ଅଯୋଗ୍ୟ ବ୍ୟକ୍ତି ଘର ପାଇବାରେ ଯୋଗ୍ୟ ହୋଇଛନ୍ତି। ପ୍ରକୃତରେ ଯେଉଁମାନେ ଘର ପାଇବାକୁ ହକ୍‌ଦାର, ସେମାନେ ତାଲିକାରେ ନାହାଁନ୍ତି। ଚମ୍ପାବାଗର କୃଷ୍ଣଚନ୍ଦ୍ର ନାଥ, ପାହାଡପୁରର ପ୍ରବୀଣ ସାମଲ, ଆନନ୍ଦପୁରର ଗିରିଧାରୀ ଚନ୍ଦ, ଘୁନା ଚନ୍ଦ, ଭାଇ ଅଶୋକ ଚନ୍ଦ ଏହି ତାଲିକାରେ ନାହାଁନ୍ତି। କୃଷ୍ଣଚନ୍ଦ୍ର ନାଥଙ୍କର ଘର ୧୯୯୯ ମହାବାତ୍ୟାରେ ଭାଙ୍ଗିଯାଇଥିଲା। ସେ ଜଣେ ସଂପୂର୍ଣ୍ଣ ଦୃଷ୍ଟିହୀନ ବ୍ୟକ୍ତି। ସେହିଦିନ ଠାରୁ ଘରଟିଏ ପାଇଁ ସେ ସ୍ଥାନୀୟ ସରପଂଚ, ବିଡିଓ ଏପରିକି ଭଦ୍ରକ ଜିଲାପାଳଙ୍କୁ ଗୁହାରି ଜଣାଇଥିଲେ ମଧ୍ୟ କେହି ଶୁଣିନାହାଁନ୍ତି। କେବଳ ମିଛ ପ୍ରତିଶ୍ରୁତି ଦେଇଛନ୍ତି ବୋଲି କୃଷ୍ଣ କହନ୍ତି। ପତ୍ନୀ ମନ୍ଦୋଦରୀ ନାଥ ଓ ଛୋଟିଆ ପୁଅକୁ ନେଇ ସେ ଚଳୁଛନ୍ତି। ପତ୍ନୀ ପର ଦୁଆରେ କାମ କଲେ ଘର ଚଳେ। କିଛିଦିନ ପୂର୍ବରୁ ସରପ ତାଙ୍କୁ ଘର ଆସିଥିବାର ସୂଚନା ଦେଲେ। ଏହି ଭରସାରେ ସେ ନିଜ କୁଡିଆକୁ ଭାଙ୍ଗି ଅନ୍ୟ ଜଣଙ୍କ ଘରେ ରହିଲେ। ଏବଂ ଘର ତିଆରି ଆରମ୍ଭ କଲେ। ମାତ୍ର ଏବେ ଦେଖିଲାବେଳକୁ ଯୋଗ୍ୟ ତାଲିକାରୁ ସେ ବାଦ୍ ପଡିଛନ୍ତି। ଏଣୁ ସେ ଧାରକରଜ କରି ଆଣିଥିବା ସିମେଂଟ ଓ ରଡ୍ ଅର୍ଥ ଦେଇନପାରି ମୁଣ୍ଡରେ ହାତ ଦେଇ ବସିଛନ୍ତି। ଅନ୍ୟପଟେ ଯୋଗ୍ୟ ତାଲିକାରୁ ପ୍ରକୃତ ହିତାଧିକାରୀ ବାଦ୍ ପଡିବା ଓ ଅଯୋଗ୍ୟ ହିତାଧିକାରୀ ରହିବା ନେଇ ସରପଂଚ ବିଜୟ କୁମାର ଦାସ ଧାମନଗର ବ୍ଲକ୍ କର୍ତ୍ତୃପକ୍ଷଙ୍କ ଦୋଷ ଦେଇଛନ୍ତି। ବ୍ଲକ୍ ପକ୍ଷରୁ ଏଭଳି ତ୍ରୁଟି ହୋଇଥିବାର ସେ କହିଛନ୍ତି। ପଂଚାୟତ ପକ୍ଷରୁ ସେ ଯେଉଁମାନଙ୍କ ନାମ ଦେଇଥିଲେ, ସେସବୁକୁ ବାଦ୍ ଦିଆଯାଇଥିବାର ସେ ସୂଚାଇଛନ୍ତି। ଏ ନେଇ ଧାମନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁର୍ଗାଚରଣ ମୁର୍ମୁଙ୍କୁ ପଚାରିବାରୁ ସେ ଏବେ କେବଳ ତାଲିକା ପ୍ରକାଶ ପାଇଛି, ସେଥିରେ ତ୍ରୁଟି ଥାଇପାରେ, ଏଥିଲାଗି ପ୍ରତି ପଂଚାୟତରେ ଜଣେ ଶିକ୍ଷକ, ଜିଆରଏସ୍, ପଂଚାୟତ ନିର୍ବାହୀ ଅଧିକାରୀ ଓ ଜେଇଙ୍କୁ ନେଇ ଯାଂଚ କମିଟି ଗଠନ କରାଯାଇଛି। ସେ କମିଟି ରିପୋର୍ଟ ଦେବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

### ଫାୟାର ଷ୍ଟେସନରେ ଷ୍ଟେସନ ମାଷ୍ଟର ରୂପେ କାର୍ଯ୍ୟରତ

# ଓଡିଶା ମୋ ପରିବାର ତରଫରୁ ରକ୍ତଦାନ ଶିବିର




କେନ୍ଦୁଝର(ପିଏନ)-ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୧ତମ ଜୟନ୍ତୀ ଅବସରରେ ଓଡିଶା ମୋ ପରିବାର ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ କରୋନା ଦିନକୁ ଦିନ ନିଜର କାୟା ବିସ୍ତାର କରିବାରେ ଲାଗିଥିବା ବେଳେ ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଛି। ଅନେକ ଜାଗାରେ ରକ୍ତର ଆବଶ୍ୟକତା ମଧ ପଡୁଛି। ଯାହାକୁ ନଜରରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଓଡିଶା ମୋ ପରିବାର ତରଫରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ରକ୍ତ ସଂଗ୍ରହର କାର୍ଯ୍ୟକ୍ରମ କରାଯାଉଛି। କେନ୍ଦୁଝର ଜିଲ୍ଲା ବିଜୁ ଜନତା ଦଳ ତରଫରୁ ନଗର ଭବନ ଠାରେ ଓଡିଶା ମୋ ପରିବାର ତରଫରୁ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏହି ରକ୍ତଦାନ ଶିବିରରେ ରକ୍ତାଦନ କରିବାକୁ ସ୍ୱେଚ୍ଛାକୃତ ଭାବେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଯୁବକମାନେ ନଗର ଭବନ ଠାରେ ଉପସ୍ଥିତ ଥିଲେ। ବିଜୁ ଜନତା ଦଳ ତରଫରୁ ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଅଞ୍ଜନ କୁମାର ବେଜ, ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ପାଟଣା ବିଧାୟକ ଜଗନ୍ନାଥ ନାୟକ, ଜିଲ୍ଲା ସଭାପତି ମାଧବ ସର୍ଦ୍ଦାରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

# ଚିହ୍ନଟ ହେଲେ ଆଉ ୮୭ ଆକ୍ରାନ୍ତ, ଜଣେ ମୃତ

ଭଦ୍ରକ, (ପିଏନ)-ଆଉ ନୂଆ ୮୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ମଧ ହୋଇଛି। ଫଳରେ ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୮୧୪ରେ ପହଂଚିଥିବା ବେଳେ ମୃତ୍ୟୁ ସଂଖ୍ୟା ୮ରୁ ବୃଦ୍ଧି ହୋଇ ୯ ହୋଇଛି। ସେହିଭଳି ସୁସ୍ଥଙ୍କ ସଂଖ୍ୟାରେ ମଧ ବୃଦ୍ଧି ଘଟି ୨୧୩୯ ହୋଇଥିବା ବେଳେ ଏବେ ଆଉ ୬୬୬ଜଣ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି। ତେବେ ଆଜି ଯେଉଁସବୁ ଅଂଚଳରୁ ଆକ୍ରାନ୍ତମାନେ ଚିହ୍ନଟ ହୋଇଛନ୍ତି ସେହିସବୁ ଅଂଚଳ ହେଲା ଭୁବନେଶ୍ୱରର କିମ୍ସ୍ ହସ୍‌ପିଟାଲରେ ଚିକିତ୍ସିତ ହେଉଥିବା ଚାନ୍ଦବାଲି ବ୍ଲକ ଆରଡି ପଂଚାୟତର ଜଣେ, ଏମ୍ସ୍‌ରେ ଚିକିତ୍ସିତ ହେଉଥିବା ଭଦ୍ରକ ପୌରପାଳିକାର ୨୧ ନଂ ୱାର୍ଡର ଜଣେ, ଅଶ୍ୱିନୀ ହସ୍‌ପିଟାଲରେ ଚିକିତ୍ସିତ ହେଉଥିବା ୧୩ ନଂ ୱାର୍ଡର ଜଣେ ଚିହ୍ନଟ ହୋଇଛନ୍ତି। ସେହିଭଳି ଭଦ୍ରକ ବ୍ଲକର କୋରକୋରା ପ ାୟତରୁ ଜଣେ, ବହୁଦରଡା ପ ାୟତରୁ ୧୦, ଚଣ୍ଡିଗାଁ ପ ାୟତରୁ ୨ଜଣ, ବନ୍ଧଗାଁ ପ ାୟତରୁ ଜଣେ, ଚରମ୍ପାରୁ ୩, ଗେଲପୁରରୁ ଜଣେ, ଖଣ୍ଡତଡାରୁ ଜଣେ, ରାନ୍ଦିଆରୁ ୪, ରାହାଞ୍ଜାରୁ ଜଣେ, ଆର.ଏନ.ବେତଡାରୁ ୨, ସାବରଙ୍ଗରୁ ଜଣେ, ଭଣ୍ଡାରିପୋଖରୀ ବ୍ଲକର ଦକ୍ଷିଣବାଡ ପ ାୟତରୁ ୨, ନୂଆଗାଁ ପ ାୟତରୁ ୩, କୁରିଗାଁରୁ ଜଣେ, ରହଣିଆରୁ ଜଣେ, ରାମଚନ୍ଦ୍ରପୁରରୁ ୨, ସରସଦାରୁ ଜଣେ, ତେସିଙ୍ଗାରୁ ୨, ନପଙ୍ଗରୁ ଜଣେ, ତିହିଡି ବ୍ଲକର କାଁପଡା ପ ାୟତରୁ ୨ଜଣ, ଭାଟପଡା ପ ାୟତରୁ ଜଣେ, ବିଲଣାରୁ ଜଣେ, ବୋଡକରୁ ଜଣେ, ଦୋଳସାହିରୁ ୬, ଚାନ୍ଦବାଲି ବ୍ଲକର ଦୋସିଙ୍ଗା ପ ାୟତରୁ ୨ଜଣ, ଗୋଲାଡିହା ପ ାୟତରୁ ଜଣେ, ଧାମନଗର ବ୍ଲକ ଧୁଷୁରୀ ପ ାୟତରୁ ୨ଜଣ, ବାସୁଦେବପୁର ବ୍ଲକ ଲକ୍ଷ୍ମୀଦାସପୁର ପ ାୟତରୁ ଜଣେ, ଅରଣ୍ଡୁଆ ପ ାୟତରୁ ଜଣେ, ବାସୁଦେବପୁର ପୌରପାଳିକାର ବାଲିନଗର ଅ ଳରୁ ଜଣେ, ୧୮ ନଂ ୱାର୍ଡରୁ ଜଣେ, ୨୩ ନଂ ୱାର୍ଡରୁ ଜଣେ, ଭଦ୍ରକ ପୌରପାଳିକାର ୧୦ ନଂ ୱାର୍ଡରୁ ଜଣେ, ୧୨ ନଂ ୱାର୍ଡରୁ ୨, ୧୩ ନଂ ୱାର୍ଡରୁ ଜଣେ, ୨୯ ନଂ ୱାର୍ଡରୁ ୨ଜଣ, ୫ ନଂ ୱାର୍ଡରୁ ୨ଜଣ, ୬ ନଂ ୱାର୍ଡରୁ ୨, ୭ ନଂ ୱାର୍ଡରୁ ଜଣେ, ବନ୍ତ ବ୍ଲକଆଡିଆ ପ ାୟତରୁ ୨ଜଣ, ବଡବର୍ଚ୍ଛିକୟାଁରୁ ୨, ବନ୍ତ ପ ାୟତରୁ ୨, ଗଣିଜାଙ୍ଗରୁ ଜଣେ, ଓଡଙ୍ଗରୁ ଜଣେ ଚିହ୍ନଟ ହୋଇଥିବା ବେଳେ ଅନ୍ୟ ଜିଲ୍ଲା ଭାବେ ବାଲେଶ୍ୱର ଜିଲ୍ଲାର ସମୁଳିଆ ଅ ଳରୁ ଜଣେ ଏବଂ ବାଉଁମଣି ଅ ଳରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# ଶ୍ରୀ ବାଣେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟର ରାସ୍ତା ନିର୍ମାଣ ଭିତିପ୍ରସ୍ତର ସ୍ଥାପନ

ବାଲିଅନ୍ତା : ବାଲିଅନ୍ତା ବ୍ଲକ ଅନ୍ତର୍ଗତ ବେଣ୍‌ଟପୁର ସ୍ଥିତ ବହୁ ପୁରାତନ କଲେଜକୁ ଯାତାୟତ ନିମନ୍ତେ ରାସ୍ତା ନିର୍ମାଣ ପାଇଁ ବହୁ ଦିନରୁ ଦାବି ହୋଇ ଆସୁଥିଲା ଯାହାକୁ ଜୟଦେବ ନିବାଚନ ମଣ୍ଡଳିର ବିଧାୟକ ଡଃ ଅରବିନ୍ଦ ଢାଲୀ ସୋମବାର ଦିନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାସ୍ତା ନିର୍ମାଣର ଭିତିପ୍ରସ୍ତର ସ୍ଥାପନ କରିବା ସହ ମହାବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ବାଲିଅନ୍ତା ଶିକ୍ଷା ପ୍ରତିନିଧି ନାରାୟଣ ବେହେରା ,ମହାବିଦ୍ୟାଳୟର ଅଧ୍ୟକ୍ଷ, ସ୍ଥାନୀୟ ସରପଂଚ ମୁରଲୀ ସାହୁ,ଦୁର୍ଗାନନ୍ଦନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।




Bhubaneswar Friday August 13, 2021 | ଭୁବନେଶ୍ୱର ଶୁକ୍ରବାର, ଅଗଷ୍ଟ ୧୩,୨୦୨୧ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



# ଶ୍ରୀ ମଲାନି ଫୋମ୍ସ ପ୍ରାଇଭେଟ୍ ଲିମିଟେଡ ଓଡ଼ିଶାରେ ଏହାର କ୍ଷମତା ୨ ଗୁଣା କଲା




ଭୁବନେଶ୍ୱର : ଗତ ୩ ଦଶନ୍ଧି ଧରି ମ୍ୟାଟ୍ରେସ୍ ଏବଂ ପିୟୁ ଫୋମ୍‌ବ୍ରାଣ୍ଡ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଶ୍ରୀ ମଲାନି ଫୋମ୍ସ ପ୍ରାଇଭେଟ୍ ଲିମିଟେଡ, ଓଡିଶାରେ ଏକ ନୂତନ ଉତ୍ପାଦନ ସୁବିଧା ଆରମ୍ଭ କରିବାକୁ ଯୋଜନା କରିଛି। ଏହାଦ୍ୱାରା କମ୍ପାନୀର ଉତ୍ପାଦନ ୨ ଗୁଣା ହୋଇ ବାର୍ଷିକ ୨୦, ୦୦୦ଟନ୍ ରେ ପହଂଚିବ। ସମ୍ପ୍ରତି ଏହାର ଉତ୍ପାଦନ କ୍ଷମତା ୧୦, ୦୦୦ଟନ୍ ରହିଛି। ନୂଆ ୟୁନିଟ୍‌ରେ କମ୍ପାନୀ ପକ୍ଷରୁ ପୁି ନିବେଶ କରାଯିବାର ଯୋଜନା ପ୍ରସ୍ତୁତ ହୋଇଛି। ପୂର୍ବ ଭାରତର ଏକ ଅତ୍ୟାଧୁନିକ ବୃହତମ ଫୋମ୍ ପ୍ଲାଣ୍ଟ ଭାବେ ଏହା ପରିଚିତି ହାସଲ କରିବାକୁ ସକ୍ଷମ ହେବ। ଓଡିଶାରେ ୨୦୧୫ରେ ଏହା ସେଂଚୁରୀ ମ୍ୟାଟ୍ରେସ୍ ଭାବେ କାରବାର ଆରମ୍ଭ କରିଥିଲା। ଗ୍ରୀନ ଫିଲ୍ଡ ୟୁନିଟ ଶ୍ରୀ ମାଲାନି ଫୋମ୍ସର ଭିତିଭୂମିରେ ୬୦ କୋଟି ଟଙ୍କାର ପୁି ବିନିଯୋଗ କରାଯିବାର ଯୋଜନା କରାଯାଇଛି। ଆସନ୍ତା ଦୁଇ ବର୍ଷ ମଧ୍ୟରେ କମ୍ପାନୀ ଏହାର ମୋଟ ଆୟକୁ ୫୦ ପ୍ରତିଶତ ବୃଦ୍ଧି କରିବା ଲକ୍ଷ୍ୟ ରଖିଛି। ଅଭିବୃଦ୍ଧି ଲକ୍ଷ୍ୟ କେବଳ ଉତ୍ପାଦନର ବୃଦ୍ଧି ଦ୍ୱାରା ନୁହେଁ ବରଂ ଦେଶର ପୂର୍ବାଂଚଳ ବଜାରରେ ନୂତନ ୟୁନିଟ ସ୍ଥାପନ ମାଧ୍ୟମରେ ସମ୍ଭବ ହୋଇ ପାରିବ। ଆସନ୍ତା ୨ ବର୍ଷ ମଧ୍ୟରେ କମ୍ପାନୀ ପଶ୍ଚିମବଙ୍ଗ, ଉତର-ପୂର୍ବ ଭାରତରେ କାରବାର ସମ୍ପ୍ରସାରଣ ଲକ୍ଷ୍ୟ ରଖିଛି। ଏହାଦ୍ୱାରା ବଜାରରେ ୨୫ପ୍ରତିଶତ ମାର୍କେଟ ଶେୟାର ହାସଲ ଲକ୍ଷ୍ୟ ନେଇ କମ୍ପାନୀ ଯୋଜନାବଦ୍ଧ ଭାବେ କାର୍ଯ୍ୟ ଧାରା ଜାରି ରଖିବ। ସମ୍ପ୍ରତି ଓଡ଼ିଶା ବଜାରରେ କମ୍ପାନୀର ୩୦ ପ୍ରତିଶତ ଅଂଶଧନ ରହିଛି। ଶ୍ରୀ ମଲାନି ଫୋମ୍ସ ପକ୍ଷରୁ ଉପଭୋକ୍ତାଙ୍କ ଚାହିଦାକୁ ଦୃଷ୍ଟିରେ ରଖି ସର୍ବୋଚ୍ଚ ଗୁଣାତ୍ମକ ଉତ୍ପାଦ ସୃଷ୍ଟି କରିବାକୁ ଶ୍ରେଷ୍ଠ-ଶ୍ରେଣୀ ଇଉରୋପୀୟ ମେସିନର ବ୍ୟବହାର କରିଥାଏ। ଏହାର ହାଇଦ୍ରାବାଦ ସ୍ଥିତ ନିର୍ମାଣ ୟୁନିଟ୍‌ରେ ବାର୍ଷିକ ୧୦,୦୦୦ ଟନ ପିୟୁ ଫୋମ ଉତ୍ପାଦନ ହୋଇଥାଏ। ଏହି ଅବସରରେ ଶ୍ରୀ ମଲାନି ଫୋମ୍ସର ପରିଚାଳନା ନିର୍ଦ୍ଦେଶକ ସିଦ୍ଧାର୍ଥ ମଲାନି କହିଲେ, ଓଡ଼ିଶାରେ ଆମର ବ୍ରାଣ୍ଡ ନୂତନ, ବିଶ୍ୱସ୍ତରୀୟ ଉତ୍ପାଦନ ୟୁନିଟ ଆରମ୍ଭ କରିଛି। ଏହା ଆମ ପାଇଁ ଏକ ଫୋମାଟାଷ୍ଟିକୋକ୍ସେସନ। ଆମେ ଉତ୍ପାଦନ ବୃଦ୍ଧି କରିବା ସହିତ ଆଗାମୀ କିଛି ବର୍ଷ ମଧ୍ୟରେ ଆମର ରାଜସ୍ୱ ବୃଦ୍ଧି ଲାଗି ଯୋଜନା ମଧ୍ୟ ପ୍ରସ୍ତୁତ କରିଛୁ। ଆମର ନୂତନ ଉତ୍ପାଦନ ୟୁନିଟ ସହିତ, ଆମେ ଏବେ ବଜାର କାରବାରକୁ ବୃଦ୍ଧି କରି ଗ୍ରାହକଙ୍କୁ ନିର୍ଭରଯୋଗ୍ୟ ଘର ଆସବାବପତ୍ର ସାମଗ୍ରୀ ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରୁଛୁ। ଏହା ସହିତ ପଶ୍ଚିମବଙ୍ଗ, ଉତର-ପୂର୍ବ ଭାରତରେ କାରବାର ସମ୍ପ୍ରସାରଣ ଲକ୍ଷ୍ୟ ରଖିଛୁ।ଏହି ଉତ୍ସବ ଅବସରରେ କମ୍ପାନୀ ବିକ୍ରେତା, ଗ୍ରାହକ ଏବଂ ସେବା ପ୍ରଦାନକାରୀଙ୍କ ସମେତ ୫୦ ପ୍ରମୁଖ ଅଂଶୀଦାରଙ୍କ ପାଇଁ ଏକ ସ୍ୱତନ୍ତ୍ର ଲଂଚଆ ଇଭେଂଟଷ୍ଟ ଏବଂ ପ୍ଲାଣ୍ଟ ପୂର୍ବାବଲୋକନର ବ୍ୟବସ୍ଥା କରିବ। ନିକଟ ଭବିଷ୍ୟତରେ ଏକ ବୃହତ ଭର୍ଚୁଆଲ ଇଭେଂଟର ଆୟୋଜନ କରାଯିବ। ଏହାର ଫଟୋ ଏବଂ ଭିଡିଓ ସଧ ପ୍ରସ୍ତୁତ କରାଯିବ।ଶ୍ରୀ ମାଲାନି ଫୋମ୍ସ ଏହାର ନୂତନ କାରଖାନାରେ ୨୫୦ ଲୋକଙ୍କୁ ନିଯୁକ୍ତି ଦେବ। କମ୍ପାନୀ ପକ୍ଷରୁ କାରଖାନାର ନିର୍ମାଣ ସମୟରେ ଏଥିରେ ନିୟୋଜିତ ଥିବା ସମସ୍ତ କର୍ମଚାରୀ ଏବଂ ଶ୍ରମିକଙ୍କ ପାଇଁ ବ୍ୟାପକ ଟିକାକରଣ କାର୍ଯ୍ୟକ୍ରମ କରାଯାଇଛି। ସମସ୍ତ ଇଞ୍ଜିନିୟର ଏବଂ ଟେକ୍ନିସିଆନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଲାଗି ସାପ୍ତାହିକ ଆର୍‌ଟି-ପିସିଆର୍ ପରୀକ୍ଷାକୁ ମଧ୍ୟ ସୁନିଶ୍ଚିତ କରାଯାଇଛି।

# ଚଣ୍ଡିଖୋଲ ମହାବିଦ୍ୟାଳୟର ୪୬ ତମ ପ୍ରତିଷ୍ଠା ଉଛବ,୭୬ ଲକ୍ଷ ନିର୍ମିତ ପ୍ରେକ୍ଷାଳୟ ଉଦ୍ଘାଟିତ




ଚଣ୍ଡିଖୋଲ : ଚଣ୍ଡିଖୋଲ ସ୍ଥିତ ବାବା ବୈରବାନନ୍ଦ ମହାବିଦ୍ୟାଳୟର ୪୬ ତମ ପ୍ରତିଷ୍ଠା ଉଛବ ଗୁରୁବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେଇଯାଇଛି .ଏହି ଉପଲକ୍ଷେ ଆୟୋଜିତ ସଭାରେ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ଅବସରପ୍ରାପ୍ତ ପ୍ରାଧ୍ୟାପକ ବିନାୟକ ପଣ୍ଡା ସଭାପତିତ୍ୱ କରିଥିଲେ.ଉଦଘାଟକ ଭାବେ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ,ମୁଖ୍ୟ ଅତିଥି ବିଧାୟକ ଅମର ପ୍ରସାଦ ଶତପଥି ଯୋଗଦେଇଥିଲେ .ପ୍ରାରମ୍ଭରେ ଅତିଥିମାନଙ୍କଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା . ମହାବିଦ୍ୟାଳୟ ର ଅଧକ୍ଷ ଡ଼: ବୀରେନ୍ଦ୍ର କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ସଲିଲ ରାଜନନ୍ଦନ ମହାନ୍ତି ଅତିଥି ପରିଚୟ ଦେଇଥିଲେ.ମହାବିଦ୍ୟାଳୟ ର ପୁରାତନ ଛାତ୍ର ସଂଘ ର ସଭାପତି ଅଧ୍ୟାପକ ପବିତ୍ର ମହଲା ଓ ସମ୍ପାଦକ ଦେବରାଜ ବେହେରା ଅତିଥି ଭାବେ ଯୋଗଦେଇଥିଲେ.ଜିଲ୍ଲାର ଏକ ପ୍ରମୁଖ ମହାବିଦ୍ୟାଳୟ ଭାବେ ଏହାର ସୁନାମ ରହିଅଛି .ଉତ୍କଳ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ଏବେ ଏହି କଲେଜ ପରିସରରେ ଚାଲୁଅଛି ଓ ଖୁବ ଶୀଘ୍ର ଏହା ତାର ସ୍ଥାୟୀ କ୍ୟାମ୍ପସ କୁ ଯିବ ବୋଲି ମୁଖ୍ୟ ଅତିଥି ତାଙ୍କ ଭାଷଣରେ କହିଥିଲେ.ଦ୍ୱିତୀୟ କ୍ୟାମ୍ପସ ଦ୍ୱରା ଏହି ମହାବିଦ୍ୟାଳୟର ସୁନାମ ସାରା ରାଜ୍ୟରେ ନା କରିଛି ବୋଲି ବିଧାୟକ କହିଥିଲେ ଓ ସମସ୍ତେ ମିଶି ଏହାକୁ ଏକ ପ୍ରମୁଖ ମହାବିଦ୍ୟାଳୟରେ ପ୍ରଣୀତ କରିବାକୁ ପ୍ରତିଷ୍ଠା ଦିବସରେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ.ଉଦଘାଟକ ଶ୍ରୀମତୀ ସେଠୀ କଲେଜ ର ଉନ୍ନତି ପାଇଁ ତାଙ୍କ ଦ୍ୱାରା ଯାହା ସମ୍ଭବ ତାହା କରିବାକୁ ସେ ପ୍ରତିଶୃତି ଦେଇଥିଲେ.ପୁରାତନ ଛାତ୍ର ସଂଘ ସମ୍ପାଦକ ଦେବରାଜ ବେହେରା ବାର୍ଷିକ ବିବରଣୀ ପଟ୍ୟହ କରିଥିଲା ବେଳେ ସଭାପତି ଅଧ୍ୟାପକ ପବିତ୍ର ମହଲା ଏହି କଲେଜ ର ପୁରାତନ ଛାତ୍ର ସଂଘ ଦ୍ୱାରା ହେଉଥିବା କାର୍ଯକ୍ରନ୍ମ ଉପରେ ନିଜ ବ୍ୟକ୍ତ ରଖିଥିଲେ.୪୬ ତମ ପ୍ରତିଷ୍ଠା ଉଛବରେ ୭୬ ଲକ୍ଷ ତାଙ୍କ ବ୍ୟବାରେ ନିର୍ମିତ ଏକ ପ୍ରେକ୍ଷାଳୟକୁ ଅତିଥିମାନଙ୍କ ଦ୍ୱାରା ଲୋକପ୍ରାଣ କରାଯାଇଥିଲା.ଏହି ପରେଖଳୟର ନାମ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓ ମାଳତୀଚୌଧୁରୀ ଙ୍କ ନାମରେ ନବ-ମାଳତୀ ପ୍ରେକ୍ଷାଳୟ ରେ ନାମିତ କରାଯାଇଥିଲା . ପୂର୍ବତନ ସାଂସଦ ମୋହନ ଜେନା ଙ୍କ ଆଞ୍ଚଳିକ ପାଣ୍ଠିରୁ ୩୮ ଲକ୍ଷ ,ପୂର୍ବତନ ସାଂସଦ ରିତା ତରେଇ ୧୫ ଲକ୍ଷ ଓ ବର୍ତମାନର ସାଂସଦ ଶର୍ମିଷ୍ଠା ସେଠୀଙ୍କ ପାଣ୍ଠିରୁ ୨୫ ଲକ୍ଷ ତାଙ୍କ ଏହି ପ୍ରେକ୍ଷାଳୟକୁ କୁ ମଂଜୁରକରାଯାଇଥିଲା.ସମୁଦାୟ ୪୦୦ ଜଣ ବସିବାଭଳି ସିଟ ଏହି ପ୍ରେକ୍ଷାଳୟରେ ଥିଲାବେଳେ ଆଗାମୀ ଦିନରେ ଏହାକୁ ସମ୍ପୂର୍ଣ ଭାବେ ଶୀତତାପ ନିୟନ୍ତ୍ରିତ କରିବାକୁ ବିଧାୟକ ପ୍ରତିଶୃତି ଦେଇଥିଲେ.୪୬ ତମ ପ୍ରତିଷ୍ଠା ଦିବସରେ ପୂର୍ବତନ ସାଂସଦ ମୋହନ ଜେନା,ରିତା ତରେଇ ,ପୂର୍ବତନ ପରିଚାଳନା ସଭ୍ୟ ହାଡିବନ୍ଧୁ ଦାସ ଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ.ପୁରାତନ ଛାତ୍ର ସଂଘ ଦ୍ୱାରା ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ର ଅନନ୍ତକୁମାର ଦାସ , ସର୍ବଭାରତୀୟ ସ୍ତରରେ ଆଇଆଇଟି ବମ୍ବେ ,ଦିଲ୍ଲୀ,ପଶ୍ଚିମବଙ୍ଗ ରେ ପଢିବାକୁ ଯୋଗ୍ୟ ବିବେଚିତ ହୋଇଥିବ ୩ ଜଣ ସୋଭାଗ୍ୟ ପୃଷ୍ଟି ,ଆଜାଦ ଅଲ୍ଲୀ ,ଶୁଭଶ୍ରୀ ସୁଭାଷିମତା ଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ.ଚଳିତ ବର୍ଷ ବିଭିନ୍ନ ବିଭାଗରେ ଡକ୍ଟରେଟ ପାଇଥିବା କଲେଜର ଡ଼: ସଞ୍ଜୟ ରାୟେ ,ସୁଜାତା ସେନାପତି ,ପ୍ରମୋଦ କୁମାର ଦାସ ଓ ନିବେଦିତା ସ୍ୱାଇଂଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ .ମହାବିଦ୍ୟାଳୟର ଅଧ୍ୟାପକ ଡ଼:ରାଜେନ୍ଦ୍ର ପାଢୀ ଧନ୍ୟବାଦ ଦେଇଥିଲେ .ପ୍ରାରମ୍ଭରେ ଅତିଥିମାନେ କଲେଜ ପରିସରରେ ଥିବା ପ୍ରତିଷ୍ଠାତା ବାବା ବୈରବାନନ୍ଦ ଙ୍କ ପ୍ରତିମୂର୍ତୀରେ ପୁଷ୍ପମାଲ୍ୟ ଦେଇଥିଲେ .ଅନ୍ୟମାନଂକ ମଧ୍ୟରେ ପୂର୍ବତନ ଅଧକ୍ଷ କେଦାରନାଥ ଦାଶ,ଶିକ୍ଷାବିତ ବ୍ରହ୍ମନନ୍ଦ ଦାଶ,ଶେଷାଦେବ ନାୟକ, ବିଡ଼ିଓ ଅଜିତ ପ୍ରସାଦ ନାରାୟଣ ଗିରି ,ଅଧ୍ୟାପକ ଦିଲୀପ ନାୟକ ,ସୀତାନାଥ ରାଉତ୍ରେ , ପଂଚାୟତ ସମିତି ଅଧକ୍ୟ ଭାଗ୍ୟଧର ମଲ୍ଲିକ ,ଅରବିନ୍ଦ ସାମଲ ,ନିରଞ୍ଜନ ସେନାପତି ,ଅମର ମହାନ୍ତି ,ଗଣେଶ୍ୱର ବରାଳ .ରଞ୍ଜନ ଦାଶ ,ଯତୀନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବାଂଶପାଳରେ ବନ ମହୋତ୍ସବ ପାଳିତ

କେନ୍ଦୁଝର : ଓଡିଶା ମାଧ୍ୟମିକ ଶିକ୍ଷକ ସଂଘ ର ଆହ୍ୱାନକ୍ରମେ ସପ୍ତାହ ବ୍ୟାପୀ ବନମହୋତ୍ସବ ସପ୍ତାହ ଆରମ୍ଭ ହୋଇଛି। ବାଂଶପାଳ ବ୍ଳକର ବିପ୍ଳବୀ ରତ୍ନାକର ଉଚ୍ଚ ବିଦ୍ୟାଳୟ କାଞ୍ଜିପାଣି,ଗ୍ରାମ ପଂଚାୟତ ଉଚ୍ଚ ବିଦ୍ୟାଳୟ କରଙ୍ଗାଡିହି,ଅଁରା ଉନ୍ନୀତ ଉଚ୍ଚ ବିଦ୍ୟାଳୟ,ବରଗୋଡା ସ୍ଥିତ ଗୁପ୍ତେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ଅଁଳା.ଜାମୁ,ନିମ୍ବ, ବଉଳ,ଆମ୍ବ, କରଞ୍ଜ, ତୁଳସୀ, ଜଙ୍ଗଶିଉଳି ପ୍ରଭୃତି ଉପକାରୀ ବୃକ୍ଷ ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବାଂଶପାଳ ବ୍ଳକ ଓଷ୍ଟା ସଭାପତି ବୈକୁଣ୍ଠ ମହାନ୍ତ ଏବଂ ସମ୍ପାଦକ ସୁଶାନ୍ତ କୁମାର ବେହେରା କାର୍ଯ୍ୟକ୍ରମକୁ ପରିଚାଳନ କରିଥିବାବେଳେ ଓଷ୍ଟା ଜିଲ୍ଲା ସମ୍ପାଦକ କ୍ଷିରୋଦ କୁମାର ରାଉତ ବୃକ୍ଷରୋପଣ କରି ଶୁଭାରମ୍ଭ କରିଥିଲେ। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ବିଶ୍ୱନାଥ ବାରିକ,ଲମ୍ବୋଧର ମହାନ୍ତ,ସହକାରୀ ଶିକ୍ଷକ ମନ୍ମଥ ମହାନ୍ତ,ତାରିଣୀ ପ୍ରସାଦ ନନ୍ଦ,କର୍ମଚାରୀ ଶଙ୍କର୍ଷଣ ବାରିକ,ହୃଷିକେଶ ମହାନ୍ତ ତଥା ଏହି ୪ଟି ଉଚ୍ଚ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ରହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ହାତୀ ମୃତ୍ୟୁ ପରେ ଗୃହପାଳିତ ପଶୁ ଙ୍କୁ ଟିକାକରଣ ଆରମ୍ଭ : ପ୍ରଥମ ଦିନରେ ୮୫୨ଟି ଗୃହପାଳିତ ପଶୁଙ୍କୁ ଟିକାକରଣ କରାଗଲା



କେନ୍ଦୁଝର : କେନ୍ଦୁଝର ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜରେ ୨୦ ଦିନ ମଧ୍ୟରେ ୪ଟି ହାତୀର ମୃତ୍ୟୁବରଣ କରିବା ପରେ ପ୍ରାଣୀ ସମ୍ପଦ ବିଭାଗ ରୋଗରେ ମରିଥିବା ସନ୍ଦେହ କରି ଉକ୍ତ ଅଞ୍ଚଳରେ ଗୁରୁବାର ଠାରୁ ଗୃହପାଳିତ ପଶୁମାନଙ୍କୁ ପ୍ରତିଷେଧକ ମୂଳକ ପଦକ୍ଷେପ ନିଆଯାଇ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ହାତୀ ମରିଥିବା ପାଖଆଖ ଗାଁରେ ୫ଟି ମୋବାଇଲ ଭ୍ୟାନ ଦ୍ୱାରା ସାହାଣ ରୋଗ ପାଇଁ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଆରଆରଟିଏସ ଟିମ ସହାୟତାରେ ଗାଇ,ଛେଳି,ମେଣ୍ଢା ଆଦି ୮୫୨ଟି ଗୃହପାଳିତ ପଶୁଙ୍କୁ ଏଚ୍ଏସ ଭେକସିନେସନ ଆରମ୍ଭ ହୋଇଛି। ବାଂଶପାଳ ବ୍ଳକର ରତୁଆଁ, ଚମ୍ପେଇ, ଜାମୁଡିହା, ସାରୁକୁଦର, ରୁଗୁଡି ଆଦି ଗ୍ରାମରେ ୫ଟି ଟିମ ଟିକାକରଣ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ହାତୀ ମରିବା ପରେ ଭେଟନାରୀ ବିଭାଗ ପକ୍ଷରୁ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ଏହି ଟିକାକରଣ କାର୍ଯ୍ୟ ଆରମ୍ଭ ହୋଇଥିବା ସିଡିଭିଓ ଡାକ୍ତର ବିଦ୍ୟାଧର ଶତପଥି ସୂଚନା ଦେଇଛନ୍ତି। ଆସନ୍ତକାଲି ଆଉ ୭ଟି ଟିମ ପହଁଚି ଆଉ ୮ଟି ଗାଁରେ ଗୃହପାଳିତ ପଶୁଙ୍କୁ ଟିକାକରଣ କରିବେ। ଏହି ଟିକାକରଣ କାର୍ଯ୍ୟରେ ପ୍ରାଣୀ ସମ୍ପଦ ବିଭାଗର ଡାକ୍ତର ଅନଙ୍ଗ କୁମାର ଦାସ,ଡାକ୍ତର କୁଳଦୀପ ପାଣିଗ୍ରାହୀ,ଡାକ୍ତର ଲଳିତ କୁମାର ବେହେରା,ଡାକ୍ତର ରଶ୍ମିତା ସାହୁ,ଡାକ୍ତର ଶ୍ରୀକୃତି ମହାନ୍ତି ଟିକାକରଣ କରିଥିବାବେଳେ ଏଥିରେ ବିଜେପି ରେଞ୍ଜର ମାନସ କୁମାର ମୁର୍ମୁ,ଫରେଷ୍ଟର ଶରତ ପଟ୍ଟନାୟକ ଏବଂ ଅନ୍ୟ ବନ କର୍ମଚାରୀମାନେ ସହାୟତା କରିଥିଲେ।

# ବେଦାନ୍ତ ଲିଗଡ଼ ସପ୍ତାହବ୍ୟାପୀ ସ୍ତନ୍ୟପାନ ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିଛି




ଲାଞ୍ଜିଗଡ଼ : ଭାରତର ଅଗ୍ରଣୀ ମେଟାଲର୍ଜିକାଲ୍ ଗ୍ରେଡ୍ ନିର୍ମାତା ବେଦାନ୍ତ ଲିମିଟେଡ୍ ଶିଶୁ ମାନଙ୍କ ଉତମ ପୋଷଣ ଓ ବିକାଶ ପାଇଁ ଗର୍ଭବତୀ ମହିଳା ଓ ସ୍ତନ୍ୟପାନ କରାଉଥିବା ମହିଳାଙ୍କ ସଚେତନତା ପାଇଁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରିଛି। ବେଦାନ୍ତ ଆଲୁମିନିୟମ ଲିମିଟେଡର ଲାଂଜିଗଡ଼ ଗ୍ରାମରେ ଏଥିପାଇଁ ଅନେକଗୁଡ଼ିଏ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ମହିଳା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବେଦାନ୍ତ ହସପିଟାଲର ଡାକ୍ତର ଓ ସମନ୍ୱିତ ଶିଶୁ ବିକାଶ ସେବାର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଅଂଶଗ୍ରହଣ କରିଥିବା ମହିଳାମାନଙ୍କୁ ସ୍ତନ୍ୟପାନର ମହତ୍ୱ ବିଷୟରେ ବୁଝାଇଥିଲେ। ମହିଳାମାନଙ୍କୁ ସୂଚନା ପୁସ୍ତିକା ଓ ଆଇରନ ସପ୍ଲିମେଂଟ ବିତରଣ କରାଯାଇଥିଲା। ଏହି ପଦକ୍ଷେପ ସଂପର୍କରେ ଆଲୁମିନା ବିଜିନେସର ଡେପୁଟି ସିଇଓ ଶ୍ରୀ ଜି.ଜି ପାଲ କହିଛନ୍ତିଯେ ନସ୍ଥାନୀୟ ଗୋଷ୍ଠୀର ସ୍ୱାସ୍ଥ୍ୟ ଓ କଲ୍ୟାଣ ବେଦାନ୍ତ ଲାଂଜିଗଡ଼ର ସାମାଜିକ ବିକାଶ ମୂଳକ ପଦକ୍ଷେପର ଏକ ଗୁରୁପୂର୍ଣ୍ଣ ବିଷୟ। ଆମେ ଏହି ଅଂଚଳର ବିକାଶ ପାଇଁ ବହୁତଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛୁ ଓ ମୋବାଇଲ ହେଲଥ ୟୁନିଟ ଯୋଗେ ୫୦ଟିରୁ ଅଧିକ ଦୂରବର୍ତି ଗ୍ରାମରେ ପହଂଚି ଲୋକମାନଙ୍କୁ ସ୍ୱୋସ୍ଥ୍ୟ ସେବା ଯୋଗାଇ ଦେଉଛୁ। ଆମର ଅତ୍ୟାଧୁନିକ ବେଦାନ୍ତ ହସପିଟାଲ ସର୍ବଦା ଗୋଷ୍ଠୀ ସମୂହର ଉନ୍ନତି ପାଇଁ କାର୍ଯ୍ୟକରୁଛି ଏବଂ ଏଠାକୁ ୨୦୦ରୁ ଅଧିକ ରୋଗୀ ଦୈନିକ ଚିକିତ୍ସା ପାଇଁ ଆସୁଛନ୍ତି। ଆମ ପକ୍ଷରୁ ଉପଯୁକ୍ତ ଡାକ୍ତରୀ ସେବା ଦ୍ୱାରା ଏହି ଅଂଚଳରେ ମ୍ୟାଲେରିଆ ମୃତ୍ୟୁ ସଂଖ୍ୟା ଉଲ୍ଲେଖନୀୟ ଭାବରେ ହ୍ରାସ ପାଇଛି। ଆମ ଅଂଚଳର ବିକାଶ ଲାଗି କଂପାନି ପକ୍ଷରୁ ବହୁ ପ୍ରକାର ଉନ୍ନତି ମୂଳକ କାର୍ଯ୍ୟ ହାତକୁ ନିଆଯାଇଛି। '' ନିକଟରେ ବେଦାନ୍ତ ଲାଂଜିଗଡ଼ ୫ମ ସିଏସଆର ହେଲଥ ଇଂପାକ୍ଟ ଆୱାର୍ଡରେ ରୋପ୍ୟ ପୁରସ୍କାର ଲାଭ କରିଛି: କୋଭିଡ-୧୯ ଏଡିସନ, ରୁରାଲ ହେଲଥକେୟାର ପଦକ୍ଷେପ ଅଧିନରେ ଆଇଏଚଡବଲ୍ୟୁ କାଉନସିଲ ଦ୍ୱାରା (୧ କୋଟିରୁ କମ) ପାଇଁ ପ୍ରୋଜେକ୍ଟ ଆରୋଗ୍ୟ। ମହାମାରୀ ସମୟରେ ଗୋଷ୍ଠୀକୁ ସହାୟତା ପାଇଁ କଂପାନି ଦ୍ୱାରା ଏହି ପ୍ରୋଜେକ୍ଟ ବହୁମୁଖୀ ସ୍ୱାସ୍ଥ୍ୟ ଯତ୍ନ ପଦକ୍ଷେପ ଗ୍ରହଣ କରୁଛି ଯେପରିକି ବେଦାନ୍ତ ହସପିଟାଲ, ମୋବାଇଲ ହେଲଥ ୟୁନିଟ, ଗୋଷ୍ଠୀ ସ୍ୱାସ୍ଥ୍ୟ ସଚେତନତା ଇତ୍ୟାଦି। ବେଦାନ୍ତର ଏହି ପ୍ରୟାସକୁ ପ୍ରଶଂସା କରି ଶ୍ରୀମତି ଜ୍ୟୋତ୍ସ୍ନାରାଣୀ ମିଶ୍ର, ଆଇସିଡିଏସ ସୁପରଭାଇଜର, ଲାଂଜିଗଡ଼ କହିଛନ୍ତିଯେ ବେଦାନ୍ତର ଏହି ଉଲ୍ଲେଖନୀୟ ଭୂମିକା ପାଇଁ ମୁଁ ଖୁବ ଆନନ୍ଦିତ। ଏହା ଦ୍ୱାରା ଲାଂଜିଗଡ଼ର ମହିଳାମାନେ ସ୍ତନ୍ୟପାନ ସଂପର୍କରେ ସଚେତନ ହୋଇ ପାରିବେ। ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମହିଳାମାନଙ୍କୁ ସୂଚନା ପୁସ୍ତିକା ବଂଟନ ଓ ଆଇରନ ସପ୍ଲିମେଂଟ ବିତରଣ ପାଇଁ ମୁଁ ଧନ୍ୟବାଦ ଜଣାଉଛି। ସ୍ଥାନୀୟ ଲୋକମାନଙ୍କ ସ୍ୱାସ୍ଥ୍ୟ ବିକାଶ ପାଇଁ କଂପାନି ପକ୍ଷରୁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସେବା, ସଚେତନତା ଶିବିର ଓ ଆହୁରୀ ଅନେକ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି।ବେଦାନ୍ତର ସାମାଜିକ କାର୍ଯ୍ୟକ୍ରମ ଗୁଡ଼ିକ ମଧ୍ୟରେ ରହିଛି ଜୀବିକା ନିର୍ବାହ ପନ୍ଥା, ମହିଳା ସଶକ୍ତିକରଣ, ଗୁଣମାନର ଶିକ୍ଷା, ସ୍ୱାସ୍ଥ୍ୟ, ପାଣି ଓ ପରିଛନ୍ନତା, ଜୈବ ନିବେଶ ଓ ଗୋଷ୍ଠୀ ପୁନଃନିର୍ମାଣ କାର୍ଯ୍ୟ ଯେଉଁଥିରେ ଲାଂଜିଗଡ଼ର ମୋଟ୍ ୬୦ ଟି ଗ୍ରାମକୁ ସାମିଲ୍ କରାଯିବା ସହିତ ଆଖପାଖ ଅଂଚଳର ଲୋକମାନଙ୍କ ପାଇଁ ବହୁତ ଗୁଡ଼ିଏ ବିକାଶମୂଳକ କାର୍ଯ୍ୟ କରାଯାଉଛି। ଏହା ୩୦୫ ଟି ସ୍ୱୟଂ ସହାୟକ ଗୋଷ୍ଠୀରେ ୩୦୦୦ ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ସଶକ୍ତିକରଣ କରାଇ ପାରିଛି। ବାର୍ଷିକ ପ୍ରାୟ ୬୦୦୦୦ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ସହିତ ୨୮୦୦ ଛାତ୍ର ଛାତ୍ରୀଙ୍କ ପାଇଁ ଶିକ୍ଷା ସହାୟତା, ଗୋଷ୍ଠୀ ମଧ୍ୟରେ ୫.୪ ଲକ୍ଷରୁ ଉର୍ଦ୍ଧ୍ୱ ବୃକ୍ଷ ରୋପଣ ଓ ଗୋଷ୍ଠୀ ସ୍ତରରେ ୫୦୦ ରୁ ଅଧିକ ଭିତିଭୂମିମୂଳକ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିଛି। ବେଦାନ୍ତ ହେଉଛି ଭାରତର ଏକ ବୃହତ ଆଲୁମିନିୟମ ନିର୍ମାତା ଏବଂ ମେଟାଲଜିକାଲ୍ ଗ୍ରେଡ୍ ଆଲୁମିନାର ଅଗ୍ରଣୀ ନିର୍ମାତା। ଏହି କମ୍ପାନୀ ଲାଂଜିଗଡ଼ (କଳାହାଣ୍ଡି ଜିଲ୍ଲା, ଓଡ଼ିଶା) ରେ ଗତ ୨୦୦୭ ଠାରୁ ଭାରତ ପାଇଁ ଦୁଇ ଏମିଟିପିଏ ଆଲୁମିନା ରିଫାଇନାରି ଉତ୍ପାଦନ କରୁଛି ଏବଂ ଏହା ମଧ୍ୟ ୯୦ ମେଗାୱାଟର କ୍ୟାପଟିଭ୍ ପାୱାର ପ୍ଲାଂଟ ପରିଚାଳନା କରୁଛି।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray